(ବନ ସଂରକ୍ଷଣ ସମିତି ବ୍ୟବହାର ପାଇଁ ଉଦ୍ଦିଷ୍ଟ)

Govt. of Orissa

JAPAN

JBIC

# ବନ ସଂରକ୍ଷଣ ସମିତି ଗଠନ ଓ ପରିଚାଳନା

OFSDP

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଏସ୍.ଏଫ୍.ଟି.ଆର୍. କ୍ୟାମ୍ପସ୍, ଘାଟିକିଆ, ଭୁବନେଶ୍ୱର

# ବନ ସଂରକ୍ଷଣ ସମିତି
# ଗଠନ ଓ ପରିଚାଳନା

(ବନ ସଂରକ୍ଷଣ ସମିତି ବ୍ୟବହାର ପାଇଁ ଉଦ୍ଦିଷ୍ଟ)

OFSDP

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ



# ମୁଖବନ୍ଧ

ପରିବେଶ ସୁରକ୍ଷା ଓ ବିକାଶ ତଥା ଦୀର୍ଘସୂତ୍ରୀ ଜୀବିକା ନିର୍ବାହରେ ଜଙ୍ଗଲର "ଉନ୍ନତି ଓ ସଂରକ୍ଷଣ" ଏକାନ୍ତ ଅପରିହାର୍ଯ୍ୟ । ପତିତ ଜଙ୍ଗଲ ସୁରକ୍ଷା ଓ ଏହାର ସୁପରିଚାଳନା ନିମିତ୍ତ ସ୍ଥାନୀୟ ଗ୍ରାମ୍ୟ ଗୋଷ୍ଠୀମାନଙ୍କୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାରଙ୍କ ବନବିଭାଗ ପ୍ରତିଶ୍ରୁତିବଦ୍ଧ ।

ଆମ ରାଜ୍ୟରେ, ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କର ରୋଜଗାର ବୃଦ୍ଧି ପାଇଁ ଜାପାନ୍ ଆନ୍ତର୍ଜାତିକ ସହଯୋଗୀ ବ୍ୟାଙ୍କ (JBIC) ସହାୟତାରେ "ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ" କାର୍ଯ୍ୟ କରୁଛି । ବନ ସଂରକ୍ଷଣ ସମିତି ଦ୍ୱାରା ଅଣୁଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତା, ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏଥିପାଇଁ ବନ ସଂରକ୍ଷଣ ସମିତିର ଦକ୍ଷତା ବୃଦ୍ଧି ଓ ସେମାନଙ୍କୁ ଅଣୁ ଯୋଜନା ପ୍ରସ୍ତୁତି, ଗ୍ରାମ୍ୟ ପ୍ରାଥମିକ କାର୍ଯ୍ୟକ୍ରମ, ରୋଜଗାର ବୃଦ୍ଧି ଇତ୍ୟାଦିରେ ଉପଯୁକ୍ତ ସହାୟତା ପ୍ରଦାନ କରିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଦାୟିତ୍ୱ ଦିଆଯାଇଅଛି ।

"ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ"ର ସଫଳତା ବାସ୍ତବରେ "ବନ ସଂରକ୍ଷଣ ସମିତି" ଉପରେ ନିର୍ଭରଶୀଳ । ଜନସାଧାରଣଙ୍କ ଜୀବନ ଶୈଳିରେ ଉନ୍ନତି ଓ ଉଜୁଡ଼ା ଜଙ୍ଗଲ ପୁନଃ ଉତ୍ପାଦନକ୍ଷମ ହେବା ଭଳି ଏକ ଗୁରୁ ଦାୟିତ୍ୱ ସମ୍ପାଦନରେ ସମିତିର ସହଯୋଗ ନିତ୍ୟାନ୍ତ ଆବଶ୍ୟକ । ଏହାକୁ ଆଖିଆଗରେ ରଖି "ବନ ସଂରକ୍ଷଣ ସମିତି"ର ଉପଯୁକ୍ତ ଗଠନ ଓ ପରିଚାଳନା ପାଇଁ ପ୍ରକଳ୍ପ ସର୍ବଦା ଚେଷ୍ଟିତ । ଏପରି ଏକ ମହତ ଉଦ୍ଦେଶ୍ୟରେ "ବନ ସଂରକ୍ଷଣ ସମିତି ଗଠନ ଓ ପରିଚାଳନା" ନାମକ ଏହି ପୁସ୍ତିକାଟି ପ୍ରକାଶ କରାଯାଇଅଛି ।

ଉକ୍ତ ପୁସ୍ତିକାରେ ସମିତିର ମୂଳନୀତି, ଗଠନ ପ୍ରକ୍ରିୟା, କାର୍ଯ୍ୟପନ୍ଥା ଓ ପ୍ରକଳ୍ପର କାର୍ଯ୍ୟାବଳୀ ବିଷୟ ବର୍ଣ୍ଣନା କରାଯାଇଅଛି । ଇଂରାଜୀ ଭାଷାରେ ପ୍ରକାଶ ହୋଇଥିବା ମୂଳ ବନ ସଂରକ୍ଷଣ ସମିତି ପରିଚାଳନା ପୁସ୍ତିକା (VSS Management Manual) କୁ ଆଧାର କରି ଏହି "ବନ ସଂରକ୍ଷଣ ସମିତି ଗଠନ ଓ ପରିଚାଳନା ପୁସ୍ତିକା"ଟି ଓଡ଼ିଆ ଭାଷାରେ ପ୍ରକାଶ କରାଯାଇଅଛି । ଏହି ପୁସ୍ତିକାଟିରେ କୌଣସି ବିଷୟରେ ସନ୍ଦେହ ପରିଲକ୍ଷିତ ହେଲେ, ଇଂରାଜୀରେ ଲେଖାଥିବା ମୂଳ ବନ ସଂରକ୍ଷଣ ସମିତି ପରିଚାଳନା ପୁସ୍ତିକାଟିକୁ ଅନୁସରଣ କରିପାରିବେ ।

ବନ ସଂରକ୍ଷଣ ସମିତିର ସଭ୍ୟ/ସଭ୍ୟାମାନେ ଉକ୍ତ ପୁସ୍ତିକାଟିର ସଦୁପଯୋଗ କରି ସେମାନଙ୍କର ସମିତିକୁ ଉନ୍ନତି ପଥରେ ଆଗେଇ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ।

ପୁସ୍ତିକାଟି ପ୍ରକାଶ ପାଇବାରେ ଯେଉଁମାନେ ସହଯୋଗର ହାତ ବଢ଼ାଇଛନ୍ତି ମୁଁ ସେମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି ।

**(ଅରୁଣ କୁମାର ବଂସଲ୍)**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ

# ସୂଚିପତ୍ର


୧. **ପ୍ରଥମ ଭାଗ** ପୃଷ୍ଠା : ୧-୧୨
ବନ ସଂରକ୍ଷଣ ସମିତି ଗଠନ ଓ କାର୍ଯ୍ୟ

୨. **ଦ୍ୱିତୀୟ ଭାଗ** ପୃଷ୍ଠା : ୧୩-୨୨
ବନ ସଂରକ୍ଷଣ ସମିତିରେ ବ୍ୟବହାର କରାଯାଉଥିବା
ବିଭିନ୍ନ ଫାରମ୍ ଗୁଡ଼ିକର ନମୁନା

୩. **ତୃତୀୟ ଭାଗ** ପୃଷ୍ଠା : ୨୩-୨୭
ଅଣୁଯୋଜନା ପ୍ରସ୍ତୁତି

୪. **ଚତୁର୍ଥ ଭାଗ** ପୃଷ୍ଠା : ୨୮-୩୯
ସ୍ୱୟଂ ସହାୟକ ଗୋଷ୍ଠୀ ଓ ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ

୫. **ପଞ୍ଚମ ଭାଗ** ପୃଷ୍ଠା : ୪୦-୫୨
ବନ ସଂରକ୍ଷଣ ସମିତିର ଆୟବ୍ୟୟ ହିସାବ ପଦ୍ଧତି


"ଆମ 'ଜଙ୍ଗଲ - ଆମରି ହିତ'
ସେ'ତ ବନ ସଂରକ୍ଷଣ ସମିତି ମିତ
ଉଜୁଡ଼ା ଜଙ୍ଗଲ ହେଲେ ସୁରକ୍ଷା
ହୋଇବ ଆମ ଜୀବନ ରକ୍ଷା"

# ପ୍ରଥମ ଭାଗ
# ବନ ସଂରକ୍ଷଣ ସମିତି ଗଠନ ଓ କାର୍ଯ୍ୟ

## ବନ ସଂରକ୍ଷଣ ସମିତି

ସଂଜ୍ଞା - ଓଡ଼ିଶା ଯୁଗ୍ମ ଜଙ୍ଗଲ ପରିଚାଳନା ପ୍ରସ୍ତାବ ଅନୁସାରେ 'ବନ ସଂରକ୍ଷଣ ସମିତି' ଗଠନ କରାଯିବ । ଏହା ଗଣତାନ୍ତ୍ରିକ ଉପାୟରେ ଗଠିତ ଏକ ସ୍ୱତନ୍ତ୍ର କମିଟି । ଗାଁର ସମସ୍ତ ପ୍ରାପ୍ତ ବୟସ୍କ ଲୋକଙ୍କୁ ନେଇ ଗଠିତ ଏହି କମିଟି ଜଙ୍ଗଲର ସଂରକ୍ଷଣ, ପରିଚାଳନା ଓ ଉନ୍ନତି ପାଇଁ କାର୍ଯ୍ୟ କରିଥାଏ । ସଂରକ୍ଷିତ ଅଞ୍ଚଳରେ ଗଠିତ 'ପରିବେଶ ଉନ୍ନୟନ କମିଟି'କୁ ମଧ୍ୟ 'ବନ ସଂରକ୍ଷଣ ସମିତି' ବୋଲି ଧରାଯିବ । କେତେକ ସ୍ଥାନରେ ଦୁଇ କିମ୍ବା ଅଧିକ ଗ୍ରାମ ଗୋଟିଏ ଜଙ୍ଗଲ ଉପରେ ନିର୍ଭର କରିଥାଆନ୍ତି । ଏପରି ସ୍ଥଳେ ସେ ସମସ୍ତ ଗ୍ରାମଗୁଡ଼ିକୁ ନେଇ ଗୋଟିଏ ବନ ସଂରକ୍ଷଣ ସମିତି ଗଠନ କରାଯାଇ ପାରିବ ।

## 'ବନ ସଂରକ୍ଷଣ ସମିତି'ର ଲକ୍ଷ୍ୟ

ଏହି ସ୍ୱତନ୍ତ୍ର ସମିତି ଜଙ୍ଗଲର ଉପଯୋଗ, ଜଙ୍ଗଲଜାତ ଦ୍ରବ୍ୟର ପରିଚାଳନା ଏବଂ ଜଳଛାୟା ପ୍ରକଳ୍ପ ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ କାମ କରିଥାଏ । ଗ୍ରାମବାସୀ, ଜଙ୍ଗଲ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷାକରି ଜଙ୍ଗଲ ପରିଚାଳନା ପାଇଁ ଏହି ସମିତି ନୀତିଗତ ନିଷ୍ପତ୍ତି ନେଇଥାଏ । ଏହି ସମିତି ଅଣୁଯୋଜନା ପ୍ରସ୍ତୁତି, ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଆୟକାରୀ କାର୍ଯ୍ୟ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଏବଂ ଏହାର ଉନ୍ନତି ପାଇଁ ମୁଖ୍ୟତଃ ଉଦ୍ୟମ କରିଥାଏ ।

## ମୂଳନୀତି

'ବନ ସଂରକ୍ଷଣ ସମିତି'ରେ ଗ୍ରାମର ସବୁ ଲୋକଙ୍କ ସମାନ ସହଭାଗୀତା ରହୁଥିବାରୁ ଏହା ଧନୀ, ଗରିବ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସଭ୍ୟଙ୍କୁ ପ୍ରୋତ୍ସାହିତ କରିଥାଏ । ଏହି ସମିତି ଜଙ୍ଗଲ ସମ୍ପତ୍ତିର ସୁରକ୍ଷା ସହ ସମସ୍ତ କାରବାରରେ ସ୍ୱଚ୍ଛତା ଓ ସଚ୍ଚୋଟତା ରକ୍ଷା କରିବାକୁ ଗୁରୁତ୍ୱ ଦେଇଥାଏ ।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ବନ ସଂରକ୍ଷଣ ସମିତିର ଭୂମିକା

ବନ ଉନ୍ନୟନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ 'ବନ ସଂରକ୍ଷଣ ସମିତି' ମୂଳଦୁଆ ଭାବରେ କାର୍ଯ୍ୟ କରିଥାଏ । ଜଙ୍ଗଲ ପରିଚାଳନା, ଲୋକଙ୍କ ଜୀବିକା ବ୍ୟବସ୍ଥା ଏବଂ ଜଙ୍ଗଲରୁ ମିଳୁଥିବା ଲାଭର ଭାଗବଣ୍ଟାର ସମସ୍ତ ନିଷ୍ପତ୍ତି ଗୁଡ଼ିକୁ ସମିତି ନିଜେ କରିଥାଏ ।

## ବନ ସଂରକ୍ଷଣ ସମିତିର ଗଠନ

ପ୍ରଥମେ ଗ୍ରାମ ପଞ୍ଚାୟତ ସହାୟତାରେ ଏକ ଗ୍ରାମସଭାର ଆୟୋଜନ କରାଯାଇଥାଏ । ଏହି ସଭାରେ ସ୍ୱେଚ୍ଛାସେବୀ ସଂସ୍ଥା ସହାୟତାରେ ଗ୍ରାମ ଲୋକମାନଙ୍କୁ ଯୁଗ୍ମ ଜଙ୍ଗଲ ପରିଚାଳନା, ଏହାର ନୀତିନିୟମ, ଏଥିରୁ ମିଳିବାକୁ ଥିବା ଲାଭ ଏବଂ ଗ୍ରାମବାସୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ବୁଝାଇ ଦିଆଯାଇଥାଏ । ଏହା ସହିତ 'ବନ ସଂରକ୍ଷଣ ସମିତି'ର ଗଠନ, କାର୍ଯ୍ୟ ଓ କର୍ତ୍ତବ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇ ଦିଆଯାଇଥାଏ । ଗ୍ରାମ ପଞ୍ଚାୟତ ପ୍ରତିନିଧି, ଜଙ୍ଗଲ ପରିଚାଳନା ୟୁନିଟ୍ ଏବଂ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଏକାଧିକବାର ସଭା କଲା ପରେ 'ବନ ସଂରକ୍ଷଣ ସମିତି' ଗଠନ କରାଯାଏ । ଗ୍ରାମର ୫୦ ପ୍ରତିଶତରୁ ଅଧିକ ପ୍ରାପ୍ତବୟସ୍କ ଲୋକ ଉପସ୍ଥିତ ରହି ଏକ ସାଧାରଣ ବୈଠକ ଡକାଯାଇ ସମିତିର 'କାର୍ଯ୍ୟକାରୀ କମିଟି' ଗଠନ କରାଯାଏ । ନୂତନ ଭାବେ ଗଠିତ ବନ ସଂରକ୍ଷଣ ସମିତି ଗୋଟିଏ ବୈଠକ ଡାକି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଲକ୍ଷ୍ୟ ପୂରଣ ଦିଗରେ ସହଯୋଗ କରିବା ପାଇଁ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ (ସଂକଳ୍ପ) ଗ୍ରହଣ କରିବେ (ଫାରମ ୨.୧) । ସଂପୃକ୍ତ ବନପାଳ/ଗ୍ରାମ ବନସେବକ ଏହି ସଭାରେ

ଗୃହିତ ସଂକଳ୍ପର ଏକ ନକଲ କ୍ଷେତ୍ର ପରିଚାଳନା ମୁଖ୍ୟଙ୍କ ନିକଟକୁ ପଠାଇବେ । କ୍ଷେତ୍ର ପରିଚାଳନା ମୁଖ୍ୟ ତାଙ୍କର ସୁପାରିଶ ପ୍ରଦାନ କରି ପ୍ରସ୍ତାବଟିକୁ ଖଣ୍ଡୀୟ ପରିଚାଳନା ମୁଖ୍ୟଙ୍କ ନିକଟକୁ ପଠାଇବେ (ଫାରମ ୨.୩) । ଖଣ୍ଡୀୟ ପରିଚାଳନା ସଂସ୍ଥା ତରଫରୁ ବନ ସଂରକ୍ଷଣ ସମିତିକୁ ପଞ୍ଜିକୃତ କରାଯିବ (ଫାରମ ୨.୪) । ଏହାପରେ ସମିତି ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରି ନିର୍ଦ୍ଧାରିତ ଦାୟିତ୍ୱ ପାଳନ କରିବେ (ଫାରମ ୨.୫) ।

## ପୂର୍ବରୁ ରହିଥିବା 'ବନ ସଂରକ୍ଷଣ ସମିତି'କୁ ପୁନଃ ସଂଗଠିତ କରିବା

ପୂର୍ବରୁ ଗଠିତ 'ବନ ସଂରକ୍ଷଣ ସମିତି'କୁ ଏହି ପ୍ରକଳ୍ପରେ ସାମିଲ କରିବା ପୂର୍ବରୁ ସେମାନଙ୍କ ପାଇଁ ନବୀକରଣ କ୍ୟାମ୍ପ କରାଯିବ । ଏଥିରେ 'ବନ ସଂରକ୍ଷଣ ସମିତି'ର ବିଧି ମୁତାବକ ପୁନର୍ଗଠନ, ନୀତିନିୟମରେ ସଂଶୋଧନ କରାଯିବ । ଏଥିପାଇଁ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଓ କ୍ଷେତ୍ର ପରିଚାଳନା ସଂସ୍ଥା ସହାୟତାରେ ଗ୍ରାମ ପଞ୍ଚାୟତ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯିବ ଏବଂ ଆବଶ୍ୟକ ପଡ଼ିଲେ କାର୍ଯ୍ୟକାରୀ କମିଟିର ପୁନଃନିର୍ବାଚନ କରାଯିବ । ପୁର୍ନଗଠିତ ସମିତି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଲକ୍ଷ୍ୟ ପୂରଣ ଦିଗରେ ସହଯୋଗ କରିବା ପାଇଁ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ (ସଂକଳ୍ପ) ଗ୍ରହଣ କରିବେ (ଫାରମ ୨.୨) । ଯଦି ସମିତି ପଞ୍ଜିକରଣ ହୋଇ ନ ଥାଏ ତା' ହେଲେ ବିଧି ଅନୁସାରେ ଏହାର ପଞ୍ଜୀକରଣ କରାଯିବ । ଆବଶ୍ୟକ ପଡ଼ିଲେ ନୂତନ ଭାବରେ କ୍ଷେତ୍ର ପରିଚାଳନା ସଂସ୍ଥା ସହିତ ବୁଝାମଣା ପତ୍ରରେ ସ୍ୱାକ୍ଷର କରାଯିବ ।

## 'ବନ ସଂରକ୍ଷଣ ସମିତି' କର୍ତ୍ତବ୍ୟ ଓ ଦାୟିତ୍ୱ

'ବନ ସଂରକ୍ଷଣ ସମିତି'ର ସମସ୍ତ ସଭ୍ୟ ବ୍ୟକ୍ତିଗତ କିମ୍ବା ଦଳଗତ ଭାବେ ପ୍ରକଳ୍ପ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ଦିଗରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ । ଏହା ସହିତ ସେମାନେ ଗଛକଟା, ବନ୍ୟଜନ୍ତୁ ଶିକାର, ଜଙ୍ଗଲଜମି ଜବରଦଖଲ, ଜଙ୍ଗଲରେ ନିଆଁ ଲଗାଇବା ଏବଂ ଗୋରୁଗାଈ ଚରାଇବାକୁ ରୋକିବା ଦିଗରେ କାମ କରିବେ । ଜଙ୍ଗଲର ଜଗାରଖା ଦାୟିତ୍ୱକୁ ସମିତି ନିଜେ ସମ୍ପାଦନ କରି ଅନ୍ୟାନ୍ୟ ବେନିୟମ କାର୍ଯ୍ୟ ବିଷୟରେ ଜଙ୍ଗଲ ଅଧିକାରୀଙ୍କୁ ସୂଚନା ଦେବେ ଏବଂ ଏଥିରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଧରିବାରେ ସହାୟ ହେବେ ।

ଦରକାର ପଡ଼ିଲେ ଧରାଯାଇଥିବା ଲୋକଙ୍କ ବିରୋଧରେ ସମିତି କୋର୍ଟରେ ସାକ୍ଷୀ ଦେବେ । ଅଣୁଯୋଜନା ଏବଂ ବାର୍ଷିକ ଯୋଜନା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଜଙ୍ଗଲ ସମ୍ପଦ ସୁରକ୍ଷା ଓ ପରିଚାଳନା ଏବଂ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ମଧ୍ୟ 'ବନ ସଂରକ୍ଷଣ ସମିତି'ର ଦାୟିତ୍ୱ ଅଟେ । ଜଙ୍ଗଲ ଉପରେ ଅଧିକ ନିର୍ଭରଶୀଳ ନ ହୋଇ ରୋଜଗାର ପାଇଁ ବିକଳ୍ପ ପନ୍ଥା ଖୋଜିବା ମଧ୍ୟ ସମିତିର ଦାୟିତ୍ୱ ଅଟେ ।

କାର୍ଯ୍ୟକାରୀ କମିଟିର କୌଣସି ସଭ୍ୟ କାର୍ଯ୍ୟ ସମ୍ପାଦନରେ ଅବହେଳା କଲେ 'ବନ ସଂରକ୍ଷଣ ସମିତି' ତାକୁ ସଭ୍ୟପଦରୁ ବାହାର କରିପାରିବା ଅଧିକାର ରହିଛି । ଏପରିକି କୌଣସି ସଭ୍ୟ ଯଦି ବେନିୟମ କାର୍ଯ୍ୟ କରନ୍ତି ତେବେ ତାଙ୍କ ସଭ୍ୟପଦକୁ ସମିତି ରଦ୍ଦ କରିପାରିବ । କାର୍ଯ୍ୟରୁ ବହିଷ୍କୃତ କୌଣସି ସଭ୍ୟ 'ବନ ସଂରକ୍ଷଣ ସମିତି'କୁ କିମ୍ବା ସମିତି ଦ୍ୱାରା ଦିଆଯାଉଥିବା କୌଣସି ସୁବିଧା ପାଇପାରିବେ ନାହିଁ ।

## 'ବନ ସଂରକ୍ଷଣ ସମିତି' ସଭ୍ୟପଦ ଓ ଏହାର ପ୍ରକାର

'ବନ ସଂରକ୍ଷଣ ସମିତି'ରେ ତିନି ପ୍ରକାରର ସଭ୍ୟ ରହିବାର ବ୍ୟବସ୍ଥା ରହିଅଛି ।

୧. ସାଧାରଣ ସଭ୍ୟ : ଗ୍ରାମର ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ସାଧାରଣ ସଭ୍ୟ ରହିପାରିବେ ଏବଂ ସେମାନଙ୍କର ମତଦାନ ଅଧିକାର ରହିବ ।

୨. ମନୋନିତ ସଭ୍ୟ : ମନୋନିତ ସଭ୍ୟ ଭାବରେ ସେ ଅଞ୍ଚଳର ସ୍କୁଲଶିକ୍ଷକ, ସ୍ୱେଚ୍ଛାସେବୀ ପ୍ରତିନିଧି, ସ୍ୱାସ୍ଥ୍ୟକର୍ମୀ କିମ୍ବା ପଞ୍ଚାୟତ ପ୍ରତିନିଧିମାନଙ୍କୁ ଖଣ୍ଡୀୟ ପରିଚାଳନା ସଂସ୍ଥା ମୁଖ୍ୟଙ୍କ ଅନୁମୋଦନ କ୍ରମେ ସାଧାରଣ ପରିଷଦ ମନୋନୀତ କରିପାରିବ । ଏହି ମନୋନୀତ ସଭ୍ୟ ମାନଙ୍କର ମତଦାନ ଅଧିକାର ରହିବ ନାହିଁ କିମ୍ବା ସେମାନେ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇ ପାରିବେ ନାହିଁ ।

୩. ଏକ୍ସ ଅଫିସିଓ ସଭ୍ୟ : ସ୍ଥାନୀୟ ବନପାଳ / ଗ୍ରାମ୍ୟ ବନସେବକ ଓ ବନରକ୍ଷୀଙ୍କୁ ଏକ୍ସ-ଅଫିସିଓ ସଭ୍ୟ ଭାବରେ ନିଆଯିବ । ଏହି ସଭ୍ୟମାନଙ୍କର ମତଦାନ ଅଧିକାର ରହିବ ନାହିଁ ।

## ଗ୍ରାମବାସୀଙ୍କ ଭୂମିକା

ଗ୍ରାମବାସୀମାନେ 'ବନ ସଂରକ୍ଷଣ ସମିତି'ର ସଭ୍ୟ ରହିବେ ଏବଂ ସେମାନଙ୍କର ସମସ୍ତ ନିଷ୍ପତ୍ତି ନେବାର ଅଧିକାର ରହିବ । ସମସ୍ତ ସଭ୍ୟ ସାଧାରଣ ପରିଷଦ ଦ୍ୱାରା ନିର୍ଦ୍ଧାରିତ ମାସିକ ସଭ୍ୟ ଚାନ୍ଦା ଦେବେ । ମତପାର୍ଥକ୍ୟ, ବିବାଦ, ଆତ୍ମସ୍ୱାର୍ଥ ତଥା ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ସମସ୍ତ ସଭ୍ୟ ଗ୍ରାମର ବୃହତ୍ତର ସ୍ୱାର୍ଥ ତଥା ଜଙ୍ଗଲ ସୁରକ୍ଷା ପାଇଁ କାର୍ଯ୍ୟ କରିବେ । 'ବନ ସଂରକ୍ଷଣ ସମିତି' ଗ୍ରାମରେ ଥିବା ନିରୀହ ଲୋକ ଏବଂ ମହିଳା ମାନଙ୍କୁ ପ୍ରକଳ୍ପ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବାକୁ ସୁଯୋଗ ଦେବେ ଓ ସେମାନଙ୍କ ମତାମତକୁ ବିଚାରକୁ ନେଇ କାର୍ଯ୍ୟ ସମ୍ପାଦନ କରିବେ । ପୁସ୍ତିକାରେ ଥିବା ସମସ୍ତ ବ୍ୟବସ୍ଥାକୁ ମାନି ଅଣୁ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଗ୍ରାମବାସୀଙ୍କର ପ୍ରମୁଖ ଭୂମିକା ରହିଅଛି । ଲୋକମାନଙ୍କ ଦ୍ୱାରା ନିର୍ବାଚିତ କାର୍ଯ୍ୟକାରୀ କମିଟି ଗ୍ରାମର ସ୍ୱାର୍ଥପାଇଁ ଗଣତାନ୍ତ୍ରିକ ଭାବେ ସମସ୍ତ ନିଷ୍ପତ୍ତି ନେବେ ।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଭୂମିକା

ବନ ବିଭାଗର ପ୍ରତିନିଧି ତଥା ସଭ୍ୟ ସଚିବ 'ବନ ସଂରକ୍ଷଣ ସମିତି' ର ସମସ୍ତ କାର୍ଯ୍ୟ ପ୍ରକଳ୍ପ ଧାର୍ଯ୍ୟ ମାନୁଆଲ ଓ ନୀୟମ/ନମୁନା ମୃତାବକ କରାଇବା ଦାୟିତ୍ୱ ନେବେ । ସମିତି ସଭ୍ୟ ସଚିବ ନିଷ୍ପତ୍ତିଗତ ପ୍ରକ୍ରିୟାରେ ନିରପେକ୍ଷ ରହି ସେଥିରେ ସକ୍ରିୟ ଭାବେ ସହଯୋଗ କରିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଜନାର ବିଭିନ୍ନ କାର୍ଯ୍ୟକୁ ସେ ଆଗେଇ ନେବେ । ଅବହେଳିତ ଏବଂ ସଂଖ୍ୟାଲଘୁମାନଙ୍କ ମତାମତକୁ ଉପଯୁକ୍ତ ଗୁରୁତ୍ୱ ଦେବା ତାଙ୍କର ଏକ ସ୍ୱତନ୍ତ୍ର ଦାୟିତ୍ୱ । 'ବନ ସଂରକ୍ଷଣ ସମିତି'ର ସମସ୍ତ ନିଷ୍ପତ୍ତି ଓ କାର୍ଯ୍ୟ ସମ୍ପର୍କରେ ନିଜର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ମଧ୍ୟ ସଭ୍ୟସଚିବଙ୍କ ଦାୟିତ୍ୱ ଅଟେ ।

## ସ୍ୱେଚ୍ଛାସେବୀ ଦଳଙ୍କ ଭୂମିକା

'ବନ ସଂରକ୍ଷଣ ସମିତି'ର ଦକ୍ଷତା ବୃଦ୍ଧିରେ ସହାୟତା, ପ୍ରାରମ୍ଭିକ କାର୍ଯ୍ୟକଳାପ, ରୋଜଗାରକ୍ଷମ କାର୍ଯ୍ୟ ଓ ଜୀବିକା ଉନ୍ନତି କରିବାରେ ସହଯୋଗ, ଅଣୁଯୋଜନା ପ୍ରସ୍ତୁତ କରିବା ଏବଂ 'ବନ ସଂରକ୍ଷଣ ସମିତି'କୁ ଜଣେ ଉପଯୁକ୍ତ ଗ୍ରାମ୍ୟ ବନ ସହାୟକ ବାଛିବାରେ ସାହାଯ୍ୟ କରିବା ହେଉଛି ସ୍ୱେଚ୍ଛାସେବୀଦଳଙ୍କ ମୁଖ୍ୟ କାର୍ଯ୍ୟ ।

ସ୍ୱେଚ୍ଛାସେବୀ ଦଳ ଗ୍ରାମବାସୀମାନଙ୍କ ଇଚ୍ଛା ଓ ଅସୁବିଧା ଗୁଡ଼ିକୁ ଯୋଜନା କର୍ତ୍ତୃପକ୍ଷଙ୍କୁ ଜଣାଇବେ । ସରକାରଙ୍କ ବିଭିନ୍ନ ନୀତିନିୟମକୁ ଗ୍ରାମବାସୀଙ୍କୁ ବୁଝାଇବା ଓ 'ବନ ସଂରକ୍ଷଣ ସମିତି'ର ସଭ୍ୟମାନଙ୍କ ମଧ୍ୟରେ ଯଦି ମତପାର୍ଥକ୍ୟ ଦେଖାଯାଏ, ତାହାର ସମାଧାନ କରିବା ମଧ୍ୟ ସ୍ୱେଚ୍ଛାସେବୀ ଦଳଙ୍କ ଦାୟିତ୍ୱ ଅଟେ ।

## ଗ୍ରାମ୍ୟ ବନ ସହାୟକଙ୍କ (ଆନିମେଟର) ଭୂମିକା

'ବନ ସଂରକ୍ଷଣ ସମିତି'କୁ ଏକ ଅନୁଷ୍ଠାନଭାବେ ଗଢ଼ିବାରେ ଗ୍ରାମ୍ୟ ବନ ସହାୟକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । ସେ ଗ୍ରାମବାସୀ ଓ କାର୍ଯ୍ୟନିର୍ବାହୀ କମିଟି ମଧ୍ୟରେ ସମନ୍ୱୟ ରକ୍ଷାକରିବା ସହିତ, ଯୋଜନାରେ ଗ୍ରାମବାସୀମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବେ । ସଭା ଆୟୋଜନ, ପ୍ରମାଣପତ୍ର ରକ୍ଷଣାବେକ୍ଷଣ, ହିସାବପତ୍ରର ତଦାରଖ ଏବଂ ବନ ବିଭାଗ ତଥା ଅନ୍ୟାନ୍ୟ ସଂସ୍ଥା ସହିତ ସମନ୍ୱୟ ରକ୍ଷାକରିବା ପାଇଁ ସହାୟତା କରିବେ ।

## ସଭ୍ୟମାନଙ୍କ ଅଧିକାର

କେବଳ ସାଧାରଣ ସଭ୍ୟମାନଙ୍କର 'ବନ ସଂରକ୍ଷଣ ସମିତି'ର ବିଭିନ୍ନ କ୍ଷେତ୍ରରେ ଭୋଟଦାନ ଅଧିକାର ଅଛି ଓ ଯୋଜନାରୁ ମିଳୁଥିବା ଲାଭ ଏବଂ ପ୍ରୋତ୍ସାହନ ପାଇବାର ଅଧିକାର ଅଛି । ସଭ୍ୟମାନଙ୍କ ମଧ୍ୟରୁ ଜଣକୁ ସମିତି ତରଫରୁ ପ୍ରବକ୍ତା ଭାବେ କାର୍ଯ୍ୟକାରୀ କମିଟିର ଦାୟିତ୍ୱ ତୁଲାଇବାକୁ ସଭ୍ୟମାନେ ଅଧିକାର ଦେଇପାରିବେ । ଯଦି କୌଣସି ସଭ୍ୟ 'ବନ ସଂରକ୍ଷଣ ସମିତି'ର ସ୍ୱାର୍ଥବିରୋଧୀ କାର୍ଯ୍ୟ କରନ୍ତି ତା' ହେଲେ ତାଙ୍କୁ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣକୁ ବାସନ୍ଦ କରାଯାଇ ପାରିବ ।

## ସମିତିର ସାଧାରଣ ପରିଷଦର ବୈଠକ

୧. ପ୍ରଥମ ବୈଠକ : ବନପାଳ କିମ୍ବା ଗ୍ରାମ୍ୟ ବନସେବକଙ୍କ ଦ୍ୱାରା 'ବନ ସଂରକ୍ଷଣ ସମିତି'ର ପ୍ରଥମ ବୈଠକ ଡକାଯିବ । ଏହି ବୈଠକରେ କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ (ବନାଞ୍ଚଳ ଅଧିକାରୀ), ବନପାଳ, ଗ୍ରାମ ବନସେବକ, ଗ୍ରାମ୍ୟ ବନ ସହାୟକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟମାନଙ୍କ ସହିତ ସରପଞ୍ଚ, ମହିଳା ଏବଂ ଅନ୍ୟାନ୍ୟ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ରହିବେ । କ୍ଷେତ୍ର ପରିଚାଳନା ୟୁନିଟ୍‌ର ମୁଖ୍ୟ, ଯୋଜନାର ଲକ୍ଷ୍ୟ, ବନ ସଂରକ୍ଷଣ ସମିତିର ସଭ୍ୟ ଓ କାର୍ଯ୍ୟନିର୍ବାହୀ କମିଟି ଭୂମିକା, ଗ୍ରାମ୍ୟ ବନ ସହାୟକ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇବ । 'ବନ ସଂରକ୍ଷଣ ସମିତି'ରୁ କ'ଣ ଲାଭ ମିଳିବ ସେ ବିଷୟରେ ମଧ୍ୟ ସମସ୍ତଙ୍କୁ ବୁଝେଇ କହିବେ । ସଭାରେ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଲୋଚନା ପରେ ପରବର୍ତ୍ତି ବୈଠକର ତାରିଖ ମଧ୍ୟ ଘୋଷଣା କରାଯିବ ।

୨. ପରବର୍ତ୍ତି ବୈଠକ : ଅତି କମ୍‌ରେ ଛଅମାସରେ ଥରେ ସମିତିର ସାଧାରଣ ପରିଷଦ ବୈଠକ ବସିବା ଆବଶ୍ୟକ । ତେବେ ପ୍ରଥମ ଛଅମାସରେ ଏହି ବୈଠକକୁ ଆବଶ୍ୟକତା ଅନୁସାରେ ୨ ମାସ ବ୍ୟବଧାନରେ ଆୟୋଜନ କରାଯାଇପାରେ । ପରବର୍ତ୍ତି ବର୍ଷକ ପାଇଁ ଏହି ବୈଠକ ତିନି ମାସରେ ଥରେ ବସିବ । ଅଧିକ ବୈଠକ ଯଦି ଦରକାର ପଡ଼େ ତା'ହେଲେ ସମିତିର ସଭାପତି, ସଭ୍ୟ ସଚିବ, ଗ୍ରାମ୍ୟ ବନ ସହାୟକ ଏବଂ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, କ୍ଷେତ୍ର ପରିଚାଳନା ସଂସ୍ଥାର ପରାମର୍ଶ କ୍ରମେ ବୈଠକ ଡାକିବେ । ଆଗୁଆ ଏକ ସପ୍ତାହ ପୂର୍ବରୁ ନୋଟିସ ଦେଇ ସମିତିର ସଭାପତି ସାଧାରଣ ପରିଷଦର ବୈଠକ ଡାକିବେ । ଯେଉଁ ତାରିଖ ଓ ସମୟରେ ଅଧିକାଂଶ ଲୋକ ଉପସ୍ଥିତ ରହିପାରିବେ ସେହିଦିନ ବୈଠକ ବସିବାକୁ ସ୍ଥିର କରାଯିବା ଉଚିତ । 'ବନ ସଂରକ୍ଷଣ ସମିତି'ର ସଭାପତି ବୈଠକରେ ସଭାପତିତ୍ୱ କରିବେ ଏବଂ ତାଙ୍କ ଅନୁପସ୍ଥିତିରେ ଉପ ସଭାପତି ସଭାପତିତ୍ୱ କରିବେ । ଅତିକମ୍‌ରେ ୫୦ ପ୍ରତିଶତ ସଭ୍ୟଙ୍କ ଉପସ୍ଥିତି ନିହାତି ଜରୁରୀ ଏବଂ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ମହିଳା ହେବା ଆବଶ୍ୟକ । ଯଦି କୌଣସି କାରଣରୁ ୫୦ ପ୍ରତିଶତ ସଭ୍ୟଙ୍କର ଉପସ୍ଥିତି ହୋଇ ପାରିଲା ନାହିଁ ତା' ହେଲେ ୪୦ ପ୍ରତିଶତ ସଭ୍ୟଙ୍କୁ ନେଇ ବୈଠକ କରାଯାଇ ପାରିବ । କିନ୍ତୁ ପରବର୍ତ୍ତି ବୈଠକରେ ୫୦ ପ୍ରତିଶତ ସଭ୍ୟ ଉପସ୍ଥିତ ରହିବା ନିହାତି ଆବଶ୍ୟକ । ସମସ୍ତ ନିଷ୍ପତ୍ତି, ସହମତି ସଂଖ୍ୟା ଗରିଷ୍ଠ ଭୋଟରେ ଗ୍ରହଣ କରାଯିବ । କୌଣସି ପରିସ୍ଥିତିରେ ଯଦି ସମିତି ଦ୍ୱାରା କିଛି ଭୁଲ ନିଷ୍ପତି ନିଆଯାଇ ଥାଏ ତେବେ ପରବର୍ତ୍ତି ବୈଠକରେ ଉକ୍ତ ନିଷ୍ପତିକୁ ବଦଳାଯାଇ ପାରିବ । କିନ୍ତୁ ଏହି ବୈଠକରେ ପୂର୍ବ ବୈଠକରେ ଉପସ୍ଥିତ ଥିବା ସଭ୍ୟମାନଙ୍କ ଠାରୁ ଅଧିକ ୧୦ ପ୍ରତିଶତ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ । ସମିତିର ସାଧାରଣ ପରିଷଦ ବୈଠକରେ ନିଆଯାଇଥିବା ନିଷ୍ପତିକୁ କାର୍ଯ୍ୟନିର୍ବାହୀ କମିଟି ବଦଳାଇ ପାରିବେ ନାହିଁ ବରଂ ଏହାକୁ ଅନୁମୋଦନ କରିବାକୁ ବାଧ୍ୟ ହେବେ ।

## ସ୍ୱତନ୍ତ୍ର ବୈଠକ

କେବଳ ବିଶେଷ ପରିସ୍ଥିତିରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ । ଏହି ବୈଠକ ପାଇଁ ଅତିକମ୍‌ରେ ୩୦ ପ୍ରତିଶତ ସଭ୍ୟ ଲିଖିତ ଆକାରରେ ସଭାପତିଙ୍କୁ ଅନୁରୋଧ କରିବା ଦରକାର । ବୈଠକ ହେବାର ୪ ଦିନ ପୂର୍ବରୁ ବୈଠକର ଉଦ୍ଦେଶ୍ୟ ବିଷୟରେ ଉଲ୍ଲେଖ କରାଯାଇ ସସମସ୍ତ ସଭ୍ୟଙ୍କୁ ଜଣାଇ ଦିଆଯିବ । ଏହି ବୈଠକରେ ଅତି କମ୍‌ରେ ୫୦ ପ୍ରତିଶତ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ । ସଭାପତି, ସଚିବ, ଗ୍ରାମ୍ୟ ବନ ସହାୟକ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ନିଶ୍ଚିତ ଭାବେ ଉପସ୍ଥିତ ରହିବା ଦରକାର ।

## ବୈଠକର ଦଲିଲ୍ ପ୍ରସ୍ତୁତି

ସଭ୍ୟ ସଚିବ 'ବନ ସଂରକ୍ଷଣ ସମିତି'ର ସମସ୍ତ ବୈଠକ ବିବରଣୀ ଓଡ଼ିଆରେ ଦଲିଲ୍ ପ୍ରସ୍ତୁତ କରି ରଖିବେ । ସଭାରେ ନିଆଯାଉଥିବା ସମସ୍ତ ନିଷ୍ପତ୍ତି ପ୍ରସ୍ତାବ ନିର୍ଦ୍ଧାରଣ ଆକାରରେ ଦଲିଲ୍ କରାଯାଇ ସଭାପତି ଓ ସଭ୍ୟ ସଚିବଙ୍କ ଦ୍ୱାରା ଦସ୍ତଖତ କରାଯିବ । କାର୍ଯ୍ୟ ବିବରଣୀର ନକଲ ଗ୍ରାମ ପଞ୍ଚାୟତ ଏବଂ କ୍ଷେତ୍ର ପରିଚାଳନା ୟୁନିଟ୍‌ର ମୁଖ୍ୟଙ୍କ ପାଖକୁ ପଠାଯିବ । ସଭାରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ଗ୍ରାମ୍ୟ ବନ ସହାୟକ ଗ୍ରାମବାସୀଙ୍କୁ ବୁଝାଇ ଦେବେ ।

କାର୍ଯ୍ୟନିର୍ବାହୀ କମିଟିର କାର୍ଯ୍ୟକାଳ ପୂରିବାର ଏକମାସ ପୂର୍ବରୁ ସଭାପତି ସମିତିର ସାଧାରଣ ପରିଷଦ ବୈଠକ ଡାକି କମିଟିର ନିର୍ବାଚନ କରାଇବା ଆବଶ୍ୟକ । ଯଦି ଏହି ପ୍ରକ୍ରିୟା ହୋଇ ନଥାଏ ତା' ହେଲେ କମିଟି କାର୍ଯ୍ୟକରୁ ନାହିଁ ବୋଲି

ଧରାଯିବ । କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ ଏହି କମିଟିର କାଗଜପତ୍ରକୁ ରଦ୍ଦ କରିପାରନ୍ତି ଏବଂ ଏହାର ପୁନଃଗଠନ ପାଇଁ ନିଜେ ତୁରନ୍ତ ପଦକ୍ଷେପ ନେବେ ।

## 'ବନ ସଂରକ୍ଷଣ ସମିତି'କୁ ଲାଭ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବନ ସଂରକ୍ଷଣ ସମିତିକୁ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଉପକାର ମିଳିପାରିବ । ଜଙ୍ଗଲ ଓ ଜଙ୍ଗଲ ସମିତିର ଉନ୍ନତିରୁ 'ବନ ସଂରକ୍ଷଣ ସମିତି'ର ସଭ୍ୟମାନେ ଉପକାର ପାଇ ପାରିବେ । ଏଥିସହିତ ସମାଜର ଅନ୍ୟମାନଙ୍କର ମଧ୍ୟ ଉପକାର ହୋଇପାରିବ ।

ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟ ଯଥା ପ୍ରାଥମିକ ସହଯୋଗ କାର୍ଯ୍ୟକ୍ରମ ଏବଂ ରୋଜଗାର ସୃଷ୍ଟି କରୁଥିବା କାର୍ଯ୍ୟ ପାଇଁ ଏହି ଯୋଜନାରେ ସାହାଯ୍ୟ ବ୍ୟବସ୍ଥା ରହିଅଛି । ଏଥିରୁ ପ୍ରାପ୍ତ ଲାଭକୁ ସଭ୍ୟମାନଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟା ଯିବ । ସୁବଣ୍ଟନ ବ୍ୟବସ୍ଥାର ନୀତିନୀୟମ ବନ ସଂରକ୍ଷଣ ସମିତି ସାଧାରଣ ବୈଠକରେ ସ୍ଥିର ହେବ । ଗ୍ରାମ୍ୟ ବନ ସହାୟକ ସମିତି ଦ୍ୱାରା ନିର୍ଦ୍ଧାରିତ ବଣ୍ଟନ ବ୍ୟବସ୍ଥାକୁ ସମସ୍ତ ଲୋକମାନଙ୍କୁ ସଠିକ୍ ଭାବେ ବୁଝାଇବେ ।

## ପ୍ରାଥମିକ ସହଯୋଗ କାର୍ଯ୍ୟକ୍ରମ

ଯୋଜନାର ପ୍ରଥମ ଅବସ୍ଥାରେ ଗ୍ରାମ ଲୋକମାନଙ୍କୁ ପ୍ରକଳ୍ପପ୍ରତି ବିଶ୍ୱାସ ଓ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଏ । ବନସଂରକ୍ଷଣ ସମିତିର କାର୍ଯ୍ୟାଳୟ ବ୍ୟତୀତ ଗ୍ରାମ ଭିତ୍ତିଭୂମି ନିର୍ମାଣ ଓ ପୁନଃ ନିର୍ମାଣ ପରି କାର୍ଯ୍ୟକ୍ରମ ହାତକୁ ନିଆଯାଏ ।

## ରୋଜଗାରକ୍ଷମ କାର୍ଯ୍ୟ

ଅଣୁ ଯୋଜନା ପ୍ରସ୍ତୁତି ସମୟରେ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟ ଚିହ୍ନଟ କରାଯାଇ ଏହି କାର୍ଯ୍ୟ କରିବା ପାଇଁ ସଭ୍ୟମାନଙ୍କୁ ଉତ୍ସାହିତ କରାଯିବ । କେବଳ ଜଙ୍ଗଲ ସମ୍ପର୍କୀୟ ରୋଜଗାରକ୍ଷମ କାର୍ଯ୍ୟକ୍ରମରେ ସମିତି ନ ରହି ଅନ୍ୟାନ୍ୟ କ୍ଷେତ୍ରରେ ଲୋକମାନଙ୍କର ସାମର୍ଥ୍ୟ ଥିବା ରୋଜଗାର ପନ୍ଥା ପ୍ରତି ଆଗ୍ରହ ସୃଷ୍ଟି କରାଯିବ ।

## ସ୍ୱୟଂ ସହାୟକ ଗୋଷ୍ଠୀ

ପ୍ରତି 'ବନ ସଂରକ୍ଷଣ ସମିତି' ପାଇଁ ଅତିକମ୍‌ରେ ଦୁଇଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ପାଇଁ ଯୋଜନାରେ ବ୍ୟବସ୍ଥା ରହିଅଛି । ରୋଜଗାରକ୍ଷମ କାର୍ଯ୍ୟ ପାଇଁ ଯେଉଁ ଅର୍ଥ ରାଶି (Revolving Fund) ଯୋଗାଇ ଦିଆଯାଏ ତାହା ସମିତି ଜମାଖାତାରେ ଜମାରହେ ଏବଂ ଏହାକୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ସୂତ୍ରରେ ଦିଆଯାଏ । ଚାରା ଉତ୍ପାଦନ ଓ ପ୍ରଦର୍ଶନୀ ଫାର୍ମ ପ୍ରତିଷ୍ଠା ପାଇଁ ମଧ୍ୟ ଯୋଜନାରେ ବ୍ୟବସ୍ଥା ରଖାଯାଇଛି ।

## ଅନ୍ୟାନ୍ୟ ଉପକାର

ଶୁଖିଲାପତ୍ର, ଚାରାଘାସ, ଝାଡୁଘାସ, କଣ୍ଟାଝାଟି, ଗୋଛାକାଠ ଆଦି 'ବନ ସଂରକ୍ଷଣ ସମିତି'ର ସଭ୍ୟମାନଙ୍କୁ ମାଗଣା କିମ୍ବା ସମିତି ଦ୍ୱାରା ନିର୍ଦ୍ଧାରିତ ସ୍ୱଳ୍ପ ମୂଲ୍ୟରେ ଦିଆଯିବ । ମଧ୍ୟବର୍ତ୍ତୀ ଅମଳରେ ଉପଲବ୍ଧ ଛୋଟକାଠ, ଖମ୍ବ ଏବଂ ଜାଳେଣୀକାଠ ଆଦିକୁ ମଧ୍ୟ ସମିତି ସଭ୍ୟମାନଙ୍କୁ ସମିତି ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଦିଆଯିବ । ରେଞ୍ଜ ଅଫିସରଙ୍କୁ ଅନୁରୋଧ କରି ବଳକା ପରିମାଣର ଦ୍ରବ୍ୟକୁ ବିକ୍ରିକରି ଶତ ପ୍ରତିଶତ ଅର୍ଥ 'ବନ ସଂରକ୍ଷଣ ସମିତି'କୁ ଦିଆଯିବ । କେନ୍ଦୁପତ୍ର ଓ ସଂରକ୍ଷିତ ଜଙ୍ଗଲଜାତ ଦ୍ରବ୍ୟ ଆଦିର ସଂଗ୍ରହ ସମିତିର ସଭ୍ୟମାନଙ୍କର ଅଧିକାର ଅଟେ । ଜଙ୍ଗଲର ଅନ୍ତିମ ଅମଳ ସମୟରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଅନୁଯାୟୀ ୫୦ ପ୍ରତିଶତ ଲାଭ ପାଇବାର ଅଧିକାର ସମିତିର ରହିଅଛି । ଜଙ୍ଗଲ ଅପରାଧ ଧରିବାରେ ସମିତିର ସଭ୍ୟମାନେ ସହାୟତା କଲେ ନିୟମ ଅନୁଯାୟୀ ପ୍ରୋତ୍ସାହନ ରାଶି ପାଇବାକୁ ହକଦାର ହେବେ । ଏହିସବୁ ଲାଭରୁ ମିଳୁଥିବା ଟଙ୍କା ସମିତିର ଜମାଖାତାରେ ଜମା ରହିବ ଏବଂ ଗ୍ରାମ୍ୟ ଜଙ୍ଗଲ ଉନ୍ନୟନ ପାଣ୍ଠି ଦ୍ୱାରା। ପରିଚାଳିତ ହେବ ।

## ସାଧାରଣ ସ୍ୱାର୍ଥଗୋଷ୍ଠୀ ବା ବ୍ୟବହାରକାରୀ ଗୋଷ୍ଠୀ

'ବନ ସଂରକ୍ଷର ସମିତି'ର ସଭ୍ୟମାନଙ୍କ ସୁବିଧା ଓ ସ୍ୱାର୍ଥକୁ ଆଖିଆଗରେ ରଖି ଛୋଟ ଛୋଟ ସାଧାରଣ ସ୍ୱାର୍ଥ ଗୋଷ୍ଠୀ ଗଠନ କରାଯିବ । ଏହି ଗୋଷ୍ଠୀ ମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦିଆଯିବ । କାର୍ଯ୍ୟନିର୍ବାହୀ ସମିତିର ଜଣେ ସଭ୍ୟ ଏହି ଗୋଷ୍ଠୀମାନଙ୍କ କାର୍ଯ୍ୟର ତଦାରଖ କରିବା ସହ ପରିଚାଳନା ମଧ୍ୟ କରିବେ ।

## କାର୍ଯ୍ୟନିର୍ବାହୀ କମିଟିର ଗଠନ ଓ କାର୍ଯ୍ୟ

'ବନ ସଂରକ୍ଷଣ ସମିତି'ର ଦୈନନ୍ଦିନ କାର୍ଯ୍ୟକଳାପର ପରିଚାଳନା କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ନେବା ଓ ସାଧାରଣ ପରିଷଦର ନିଷ୍ପତିକୁ ସଂପାଦନ କରିବା ଦାୟିତ୍ୱ କାର୍ଯ୍ୟନିର୍ବାହୀ କମିଟି ଉପରେ ନ୍ୟସ୍ତ ଅଟେ । 'ବନ ସଂରକ୍ଷଣ ସମିତି' ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ମଧ୍ୟ କାର୍ଯ୍ୟନିର୍ବାହୀ କମିଟିର ଦାୟିତ୍ୱ ଅଟେ । ଏହି କମିଟିର କାର୍ଯ୍ୟକାଳ ତିନି (୩) ବର୍ଷ ଅଟେ ।

## କାର୍ଯ୍ୟନିର୍ବାହୀ କମିଟି ସଭ୍ୟଙ୍କ ପ୍ରକାର

କାର୍ଯ୍ୟନିର୍ବାହୀ କମିଟି ତିନି ପ୍ରକାର ସଭ୍ୟଙ୍କୁ ନେଇ ଗଠିତ ।

କ) ନିର୍ବାଚିତ ସଭ୍ୟ - ଏହି ସଭ୍ୟମାନେ 'ବନ ସଂରକ୍ଷଣ ସମିତି'ର ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ଅତି କମ୍‌ରେ ପାଞ୍ଚଜଣ ମହିଳାଙ୍କ ସହିତ କମିଟିକୁ ୧୧ ଜଣ ସଭ୍ୟ ନିର୍ବାଚିତ ହେବେ । ଗ୍ରାମରେ ଥିବା ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତିଙ୍କର ଯଥାନୁପାତିକ ପ୍ରତିନିଧିତ୍ୱ ରଖାଯିବ । କୌଣସି ନିଷ୍ପତ୍ତି ନେବା ସମୟରେ କେବଳ ନିର୍ବାଚିତ ସଭ୍ୟମାନଙ୍କର ଭୋଟ ଦେବାର ଅଧିକାର ରହିବ ।

ଖ) ଏକ୍ସ ଅଫିସିଓ ସଭ୍ୟ - ଜଙ୍ଗଲ ବିଭାଗର କର୍ମଚାରୀ (ବନପାଳ/ଗ୍ରାମ୍ୟ ବନ ସେବକ, ବନରକ୍ଷୀ) ଓ ଗ୍ରାମ ପଞ୍ଚାୟତ ୱାର୍ଡ଼ମେମ୍ବର ଏହାର ଏକ୍ସ ଅଫିସିଓ ସଭ୍ୟ ହୋଇଥାନ୍ତି ।

ଗ) ମନୋନୀତ ସଭ୍ୟ - ଏମାନେ ସାଧାରଣ ପରିଷଦ କିମ୍ବା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କର ମନୋନୀତ ପ୍ରତିନିଧି ରୂପେ କାର୍ଯ୍ୟନିର୍ବାହୀ କମିଟିର ସଭ୍ୟ ହୁଅନ୍ତି ।

କାର୍ଯ୍ୟନିର୍ବାହୀ କମିଟି ଗ୍ରାମରୁ ମୋଟ ୧୧ ଜଣ ନିର୍ବାଚିତ ସଭ୍ୟଙ୍କୁ ନେଇ ଗଠିତ ହେବ । ଏହି ୧୧ ଜଣ ସଭ୍ୟଙ୍କ ମଧ୍ୟରେ ଜଣେ ସଭାପତି, ଜଣେ ଉପସଭାପତି, ଜଣେ କୋଷାଧ୍ୟକ୍ଷ, ୭ ଜଣ ପ୍ରତିନିଧି ଓ ଜଣେ ନେତୃସ୍ଥାନୀୟ ଉପଦେଷ୍ଟା ରହିବେ । ସଂପୃକ୍ତ ବନପାଳ / ଗ୍ରାମ୍ୟବନ ସେବକ ଏହାର ଏକ୍ସ ଅଫିସିଓ ସଭ୍ୟ ଯେ କି ସଭ୍ୟସଚିବ କାର୍ଯ୍ୟ ସଂପାଦନ କରିବେ । ଏତଦ୍ ବ୍ୟତୀତ ଏକ୍ସ ଅଫିସିଓ ମେମ୍ବର ଭାବରେ ବନରକ୍ଷୀ, ୱାର୍ଡ଼ମେମ୍ବର ଓ ମନୋନିତ ସଭ୍ୟ ରହିପାରିବେ ।

## କମିଟିର ନିର୍ବାଚନ ପ୍ରକ୍ରିୟା

'ବନ ସଂରକ୍ଷଣ ସମିତି'ର ପଞ୍ଜିକରଣ ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇ ୩୦ ଦିନ ମଧ୍ୟରେ ଶେଷ ହେବା ଆବଶ୍ୟକ । ଗ୍ରାମ୍ୟ ବନସେବକ ବା ସଂପୃକ୍ତ ବନପାଳ, ସରପଞ୍ଚଙ୍କୁ ଅବଗତ କରାଇ ସାଧାରଣ ପରିଷଦର ବୈଠକ ଡାକି କାର୍ଯ୍ୟନିର୍ବାହୀ କମିଟିର ନିର୍ବାଚନ ପାଇଁ ବ୍ୟବସ୍ଥା। କରିବେ ।

## କମିଟି ସଭ୍ୟଙ୍କ ନିର୍ବାଚନ

କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ ନିର୍ବାଚନ ପରିଚାଳନା ପାଇଁ ରିଟର୍ଣ୍ଣି ଅଫିସର ରୂପେ କାର୍ଯ୍ୟ କରିବେ ସେ ସଭ୍ୟ ସଚିବ ଓ ସ୍ୱେଚ୍ଛାସେବୀ ସଂସ୍ଥା ସହାୟତାରେ ସାଧାରଣ ପରିଷଦର ପ୍ରଥମ ବୈଠକ ପାଇଁ ତାରିଖ, ମାସ ଓ ସ୍ଥାନ ଘୋଷଣା କରିବେ ଏବଂ ସମୂହ ଗ୍ରହଣଯୋଗ୍ୟ ପଦ୍ଧତିରେ ନିର୍ବାଚନ ପରିଚାଳନା କରିବେ ।

## କାର୍ଯ୍ୟକାରୀ କମିଟିର କର୍ତ୍ତବ୍ୟ ଓ ଦାୟିତ୍ୱ

'ବନ ସଂରକ୍ଷଣ ସମିତି' ଜଙ୍ଗଲ ଓ ବନ୍ୟଜନ୍ତୁର ସୁରକ୍ଷା ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ସମସ୍ତ ଜଙ୍ଗଲ ଅପରାଧି ମାନଙ୍କୁ ଧରିବାରେ ସାହାଯ୍ୟ କରିବେ । ବିବାଦର ସମାଧାନ, ଜବରଦଖଲ, ଜୀବିକା ନିର୍ବାହର ଉପାୟ ଆଦି ସମସ୍ୟା ବିଚାର ଆଲୋଚନା କରିବେ । ହିସାବ କିତାବ ଠିକ୍ ରଖିବା ସହିତ ଯୋଜନାରୁ ମିଳୁଥିବା ଅର୍ଥର ପରିଚାଳନା ମଧ୍ୟ କରିବେ । ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି, ଅଣୁଯୋଜନାର କାର୍ଯ୍ୟକାରୀତା, ଚାରାକେନ୍ଦ୍ରର ବିକାଶ ଆଦି କାମ କାରିବେ । ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ଏହି ଗୋଷ୍ଠୀ ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ଏବଂ ଏମାନଙ୍କୁ ଦିଆଯାଇଥିବା ଋଣର ସମୟସୀମା ଓ ସୁଧର ହାର ବିଷୟରେ ନିଷ୍ପତ୍ତି ନେବେ । ସାଧାରଣ ପରିଷଦ ଏବଂ କ୍ଷେତ୍ର ପରିଚାଳନା ସଂସ୍ଥାର ଅନୁମୋଦନ କ୍ରମେ ବିଭିନ୍ନ ବିଷୟରେ ବୈଷୟିକ ଜ୍ଞାନଥିବା ଲୋକଙ୍କୁ ସ୍ୱଳ୍ପକାଳୀନ ନିଯୁକ୍ତି ଦେଇ ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ଆଗେଇ ନେବେ । ଏହାଛଡ଼ା 'ବନ ସଂରକ୍ଷଣ ସମିତି'ର ନିଷ୍ପତ୍ତି ଅନୁସାରେ ଦଣ୍ଡବିଧାନ କ୍ଷେତ୍ରରେ ଦଣ୍ଡରାଶିର ପରିମାଣ ନିର୍ଦ୍ଧାରିତ ହୋଇଥାଏ । ଜଙ୍ଗଲ ଓ 'ବନ ସଂରକ୍ଷଣ ସମିତି'ର ଆବଶ୍ୟକତା ଦୃଷ୍ଟିରୁ ସେହି ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ ସହିତ ଯୋଗସୂତ୍ର ରକ୍ଷା କରିବା ଦାୟିତ୍ୱ ନେବେ ।

## ସଭାପତି (ଚେୟାରମ୍ୟାନ)ଙ୍କ ଦାୟିତ୍ୱ

ସଭାପତି, ସଭ୍ୟସଚିବଙ୍କ ସହାୟତାରେ ବନ ସଂରକ୍ଷଣ ସମିତି ଓ କାର୍ଯ୍ୟନିର୍ବାହୀ କମିଟିର ବୈଠକ ଡକାଇବେ । ସେ ସମିତି ବା କମିଟି ତରଫରୁ ବୁଝାମଣା ପତ୍ର ଓ ସରକାରୀ ଦସ୍ତାବିଜରେ ସ୍ୱାକ୍ଷର କରିବା ସହିତ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟପାଇଁ କମିଟିର ଜଣେ ଜଣେ ସଭ୍ୟଙ୍କୁ ଦାୟିତ୍ୱ ଦେଇ ପାରିବେ । ସଭାପତି, ସଭ୍ୟସଚିବ ଏବଂ କୋଷାଧ୍ୟକ୍ଷଙ୍କ ସହିତ ବ୍ୟାଙ୍କ ଜମାଖାତା ପରିଚାଳନା କରିବେ । କୌଣସି ସାଧାରଣ ସଭାସମିତିରେ ସେ ସମିତିର ପ୍ରତିନିଧିତ୍ୱ କରିବେ । 'ବନ ସଂରକ୍ଷଣ ସମିତି'ର ସମସ୍ତ କାର୍ଯ୍ୟକଳାପ ପାଇଁ ସଭାପତି ଓ ସଭ୍ୟସଚିବଙ୍କର ଯୁଗ୍ମ ଦାୟିତ୍ୱ ରହିବ । ଆବଶ୍ୟକତା ଅନୁସାରେ ସେ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ଏବଂ ସଭ୍ୟମାନଙ୍କୁ ପରାମର୍ଶ ଦେବା ସହ ଅଭିଯୋଗ ଆଦି ଗ୍ରହଣ କରିବେ ।

## ଉପ ସଭାପତିଙ୍କ କର୍ତ୍ତବ୍ୟ

ସଭାପତିଙ୍କୁ ତାଙ୍କ କାର୍ଯ୍ୟରେ ସହଯୋଗ ଦେବା ସହିତ ତାଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟ ସମ୍ପାଦନ କରିବେ ।

## ସଭ୍ୟସଚିବଙ୍କ କର୍ତ୍ତବ୍ୟ

ସେ ସମିତି ଓ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ଉତ୍ତରଦାୟୀ ରହିବେ । 'ବନ ସଂରକ୍ଷଣ ସମିତି ଓ କାର୍ଯ୍ୟନିର୍ବାହୀ କମିଟିର ବୈଠକ ଡକାଇବେ । ଏହି ବୈଠକର ସମୟ, ତାରିଖ ଓ ସ୍ଥାନ ବିଷୟରେ ଜଣାଇବା ତାଙ୍କର ଦାୟିତ୍ୱ ଆଟେ । ଅଣୁ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟ ସଂପାଦନ କରିବାରେ ତାଙ୍କର ମୁଖ୍ୟ ଭୂମିକା ରହିଅଛି । ସେ ସଭାପତିଙ୍କ ସହିତ ମିଶି ସମସ୍ତ ପ୍ରଶାସନିକ କାର୍ଯ୍ୟ ପାଇଁ ଦାୟୀ ରହିବେ । ସମିତିର ସମସ୍ତ ଆୟବ୍ୟୟ ଟିକିନିଖି ଦଲିଲ୍ କରିବା ସହିତ ବାର୍ଷିକ ଆର୍ଥିକ ରିପୋର୍ଟ ବିଷୟରେ ସମସ୍ତଙ୍କୁ ଜଣାଇବେ । ବନ ସଂରକ୍ଷଣ ସମିତି ନେଉଥିବା ନିଷ୍ପତି ସବୁ କ୍ଷେତ୍ରପରିଚାଳନା ୟୁନିଟ୍‌କୁ ଜଣାଇବେ ଓ ତାର ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବେ । ବନ ସଂରକ୍ଷଣ ସମିତି ଓ ସରକାରଙ୍କ ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି କାମ କରିବେ ।

## ବନରକ୍ଷୀଙ୍କ ଭୂମିକା

ଅଣୁଯୋଜନା ଅନୁସାରେ କାର୍ଯ୍ୟ ପରିଚାଳନା ହେଉଛି କି ନାହିଁ ତାହା ଦେଖିବା ତାଙ୍କ ଦାୟିତ୍ୱ । ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାରେ 'ବନ ସଂରକ୍ଷଣ ସମିତି'କୁ ସାହାଯ୍ୟ କରିବେ । ସେ ସମିତିକୁ ବୈଷୟିକ ଜ୍ଞାନ ମଧ୍ୟ ଯୋଗାଇବେ । ବନପାଳଙ୍କ ଅନୁପସ୍ଥିତିରେ ସେ ସଭ୍ୟସଚିବଙ୍କ ଦାୟିତ୍ୱ ତୁଲାଇବେ ।

## କୋଷାଧ୍ୟକ୍ଷଙ୍କ ଭୂମିକା

'ବନ ସଂରକ୍ଷଣ ସମିତି'ର ସମସ୍ତ ଆର୍ଥୀକ କାରବାରର ଟିକିନିଖି ହିସାବ ରଖିବେ । 'ବନ ସଂରକ୍ଷଣ ସମିତି'ର ସଞ୍ଚୟ ଜମା

ଖାତାରୁ ଟଙ୍କା ଉଠାଇବା ବା ଜମା କରିବା ସହିତ ସଭ୍ୟମାନଙ୍କୁ ସମିତିର ଆର୍ଥିକ ଅବସ୍ଥା ଏବଂ ସମସ୍ତ ଆର୍ଥୀକ କାରବାର ବିଷୟରେ ଅବଗତ କରାଇବେ । ବାର୍ଷିକ ଆର୍ଥୀକ ରିପୋର୍ଟ ପ୍ରସ୍ତୁତ କରି ଏହାକୁ ଅଡ଼ିଟ କରାଇବେ ।

## କାର୍ଯ୍ୟନିର୍ବାହୀ କମିଟି ସଭ୍ୟମାନଙ୍କ ଭୂମିକା

'ବନ ସଂରକ୍ଷଣ ସମିତି'ର ସମସ୍ତ କାର୍ଯ୍ୟମାନଙ୍କରେ ସକ୍ରିୟ ଅଂଶଗ୍ରହଣ କରିବେ । ସମିତିର ଅନ୍ୟ ସଭ୍ୟମାନଙ୍କୁ ଆଶାନୁରୂପ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇବେ । ବିଭିନ୍ନ 'ବନ ସଂରକ୍ଷଣ ସମିତି'ମାନଙ୍କୁ ଗସ୍ତ କରି ସେଠାକାର ପରିଚାଳନା ଓ ସୁଯୋଗ ଉପରେ ଶିକ୍ଷାଲାଭ କରିବା ସହିତ ନିଜ ସମିତିରେ ଉପଯୋଗ କରିବେ ।

## ଏକ୍ସ ଅଫିସିଓ ଏବଂ ମନୋନୀତ ସଭ୍ୟମାନଙ୍କ ଭୂମିକା

ଏମାନେ 'ବନ ସଂରକ୍ଷଣ ସମିତି' କିପରି ଠିକ୍ ଭାବରେ ଚାଲିବ ସେଥିପାଇଁ ପରାମର୍ଶ ଦେବାସହ ମାର୍ଗଦର୍ଶନ କରିବେ । ପ୍ରକଳ୍ପର କାର୍ଯ୍ୟକାରିତା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲାବେଳେ ବୈଷୟିକ ଓ ପ୍ରଶାସନିକ ଦୃଷ୍ଟିରୁ ପରାମର୍ଶ ପ୍ରଦାନ କରିବେ ।

## କାର୍ଯ୍ୟନିର୍ବାହୀ କମିଟି ସଭ୍ୟଙ୍କ ବହିଷ୍କାର

ଯଦି କମିଟିର କୌଣସି ସଭ୍ୟ 'ବନ ସଂରକ୍ଷଣ ସମିତି'ର ଲକ୍ଷ୍ୟପୂରଣ ଦିଗରେ କାମ ନ କରନ୍ତି ତା' ହେଲେ ତାଙ୍କୁ ଅନାସ୍ଥାପ୍ରସ୍ତାବ ଦ୍ୱାରା ବହିଷ୍କାର କରି ତାଙ୍କ ସ୍ଥାନରେ ସମିତି ଅନ୍ୟଜଣେ ସଭ୍ୟ ନିଯୁକ୍ତି କରିବେ । ବହିଷ୍କାର କରିବାକୁ ଥିବା ସଭ୍ୟଙ୍କ ବିରୋଧରେ ଥିବା ଅଭିଯୋଗକୁ ବୈଠକରେ ଆଲୋଚନା କରାଯାଇ ସଂଖ୍ୟାଗରିଷ୍ଠ ଭୋଟରେ ଅନୁମୋଦନ ହେଲାପରେ ସଭ୍ୟଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯିବ ।

## ସଭାପତି / ଉପସଭାପତିଙ୍କ ବହିଷ୍କାର

ଏଥିନିମନ୍ତେ 'ବନ ସଂରକ୍ଷଣ ସମିତି'ର ସାଧାରଣ ପରିଷଦର ବୈଠକ ଡକାଯିବ । କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ ନିର୍ବାଚନ ପରିଚାଳନା କରିବେ । ଉପସ୍ଥିତ ସମିତିର ସଭ୍ୟମାନଙ୍କ ମଧ୍ୟରୁ ଅର୍ଦ୍ଧାଦ୍ଧିକ ସଭ୍ୟ ତାଙ୍କ ବିପକ୍ଷରେ ଭୋଟ ଦେଲେ ସଭାପତି ଏବଂ ଉପସଭାପତିଙ୍କୁ ବହିଷ୍କାର କରାଯିବ ।

## ପଦବୀ ପୂରଣ

ଯଦି ଉପରୋକ୍ତ କାରଣ ଅଥବା ଅନ୍ୟ କାରଣରୁ କାର୍ଯ୍ୟନିର୍ବାହୀ କମିଟିର କୌଣସି ପଦବୀ ଖାଲି ପଡ଼େ ତା ହେଲେ ସାଧାରଣ ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ସମସ୍ତଙ୍କ ଅନୁମୋଦନକ୍ରମେ ପଦବୀ ପୂରଣ କରାଯିବ । ନବନିର୍ବାଚିତ ସଦସ୍ୟ କମିଟିର କାର୍ଯ୍ୟକାଳ ପୁରିବା ପର୍ଯ୍ୟନ୍ତ ଦାୟିତ୍ୱରେ ରହିପାରିବେ ।

## କାର୍ଯ୍ୟନିର୍ବାହୀ କମିଟିର ବୈଠକ

## ପ୍ରଥମ ବୈଠକ

'ବନ ସଂରକ୍ଷଣ ସମିତି'ର କାର୍ଯ୍ୟନିର୍ବାହୀ କମିଟିର ବୈଠକ ନିର୍ବାଚନର ପରଦିନ ହେବ । ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲିବା ଏବଂ ଏହି ଖାତାରେ ସଭ୍ୟସଚିବଙ୍କ ସହିତ କିଏ ସ୍ୱାକ୍ଷର କରିବେ ସେ ବିଷୟରେ ନିଷ୍ପତ୍ତି ନିଆଯିବ । ମନୋନୀତ ହେବାକୁ ଥିବା ସଭ୍ୟଙ୍କ ନାମ ଆଲୋଚନା ହେବା ସହିତ ସେମାନଙ୍କ ତାଲିକା ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ ପାଖକୁ ପଠାଯିବ । ପୂର୍ବରୁ ଥିବା କମିଟି ମାନଙ୍କୁ ଭାଙ୍ଗିବା ପାଇଁ ନିଷ୍ପତି ନିଆଯିବ ।

## ପରବର୍ତ୍ତି ବୈଠକ

ଯୋଜନା କାର୍ଯ୍ୟକାରୀ ହେବାର ପ୍ରଥମ ଦୁଇବର୍ଷ ମଧ୍ୟରେ ପ୍ରତିମାସରେ କାର୍ଯ୍ୟନିର୍ବାହୀ କମିଟିର ବୈଠକ ବସିବ । ତାପରେ ଏହାକୁ ପ୍ରତି ଦୁଇମାସରେ ଥରେ କରାଯାଇ ପାରେ । ସଭ୍ୟସଚିବ ବୈଠକ ହେବା ଆଗରୁ ବୈଠକର କାର୍ଯ୍ୟକ୍ରମ ବିଷୟରେ ସମସ୍ତ ସଭ୍ୟଙ୍କୁ ଜଣାଇବେ । ସଭାପତି ବୈଠକରେ ସଭାପତିତ୍ୱ କରିବେ ଏବଂ ତାଙ୍କ ଅନୁପସ୍ଥିତିରେ ଉପସଭାପତି ବୈଠକରେ ସଭାପତିତ୍ୱ କରିବେ ।

## ‘ବନ ସଂରକ୍ଷଣ ସମିତି’ର ପ୍ରସ୍ତାବ

‘ବନ ସଂରକ୍ଷଣ ସମିତି’ ଦ୍ୱାରା ଗୃହିତ ସମସ୍ତ ପ୍ରସ୍ତାବକୁ ସଭ୍ୟସଚିବ କ୍ଷେତ୍ର ପରିଚାଳନା ସଂସ୍ଥାଙ୍କ ପାଖକୁ ପଠାଇବେ । କ୍ଷେତ୍ର ପରିଚାଳନା ସଂସ୍ଥା ପ୍ରସ୍ତାବକୁ ତନଖି ସାରିଲା ପରେ ଏହାକୁ ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ ପାଖକୁ ପଠାଇବେ । ମାସକ ମଧ୍ୟରେ ପ୍ରସ୍ତାବ ବିଷୟରେ ଯଦି କ୍ଷେତ୍ର ପରିଚାଳନା ସଂସ୍ଥା କିମ୍ବା ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ ନିକଟରୁ କୌଣସି ଖବର ନ ଆସିଲା ତା’ହେଲେ ସଭାପତି ନିଜେ ତାଙ୍କୁ ଦେଖାକରିବେ ଏବଂ ପଦକ୍ଷେପ ନେବା ପାଇଁ ଅନୁରୋଧ କରିବେ । ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନ ହେଲେ କାର୍ଯ୍ୟ ନିର୍ବାହୀ କମିଟି ସିଧାସଳଖ ପ୍ରକଳ୍ପ ପରିଚାଳନା ସଂସ୍ଥା (ପି.ଏମ୍.ୟୁ.)କୁ ଜଣାଇବେ ।

## ଗ୍ରାମ୍ୟ ଜଙ୍ଗଲ ଉନ୍ନୟନ ପାଣ୍ଠି (ଭି.ଏଫ୍.ଡି.ଏଫ୍.)

ପ୍ରକଳ୍ପ କାର୍ଯ୍ୟକାରିତା ବେଳେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରୁ ମିଳୁଥିବା ପାଣ୍ଠି ପରିଚାଳନା ପାଇଁ ବନ ସଂରକ୍ଷଣ ସମିତି ବ୍ୟାଙ୍କରେ ଏକ ଜମାଖାତା ଖୋଲିବେ । ସଭ୍ୟଙ୍କ ଚାନ୍ଦା, ବ୍ୟାଙ୍କ ସୁଧ, ଜଙ୍ଗଲ ଅପରାଧରୁ ମିଳୁଥିବା ଦଣ୍ଡଅର୍ଥରୁ ଆୟ, ପୁରସ୍କାର ବାବଦ ମିଳୁଥିବା ଅର୍ଥ ଏବଂ ଅନ୍ୟାନ୍ୟ ଲାଭରୁ ଗ୍ରାମ୍ୟ ଜଙ୍ଗଲ ଉନ୍ନୟନ ପାଣ୍ଠି ଗଠନ କରାଯିବ । ପ୍ରକଳ୍ପର କାର୍ଯ୍ୟକାଳ ସମାପ୍ତି ପରେ ଜଙ୍ଗଲ ଉନ୍ନୟନ ଓ ପରିଚାଳନା ପାଇଁ ସମିତି ଦ୍ୱାରା ଏହି ଅର୍ଥ ଖର୍ଚ୍ଚ କରାଯିବ ।

## ‘ବନ ସଂରକ୍ଷଣ ସମିତି’ ଓ ଗ୍ରାମବାସୀ

ବେଳେବେଳେ ଦେଖାଯାଇଛି ଯେ ‘ବନ ସଂରକ୍ଷଣ ସମିତି’ର ବିଭିନ୍ନ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରୁ ନ ଥିବା ଲୋକମାନେ ପରେ ସମାନ ସୁବିଧା ସୁଯୋଗ ପାଇବା ପାଇଁ ଦାବି କରନ୍ତି । ଏଭଳି ପରିସ୍ଥିତିରେ ନିମ୍ନମତେ ପଦକ୍ଷେପ ନିଆଯିବ ।

୧) ଯେଉଁ ସଭ୍ୟ ଲଗାତର ତିନୋଟି ବୈଠକରେ ଯୋଗ ନ ଦିଅନ୍ତି, ସେମାନଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ସମିତି ନିଷ୍ପତ୍ତି ନେଇପାରେ ।

୨) ଯେଉଁମାନେ ଶ୍ରମଦାନ ଭାବେ ହେଉ ଅବା ସମ୍ବଳ ଆକାରରେ ହେଉ ସମିତିର କାର୍ଯ୍ୟରେ ସହଯୋଗ ନ କରନ୍ତି ସମିତି ନିଷ୍ପତ୍ତି ଅନୁଯାୟୀ ସେମାନଙ୍କୁ ସବୁପ୍ରକାର ସୁବିଧାରୁ ବଞ୍ଚିତ କରାଯାଇପାରେ ।

୩) ଯଦି କୌଣସି ସଦସ୍ୟ ବନ ସଂରକ୍ଷଣ ସମିତିର ନିୟମ କାନୁନ୍‌କୁ ବାରମ୍ବାର ଅବମାନନା କରେ ତେବେ ତାକୁ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରାଯିବ ।

## ‘ବନ ସଂରକ୍ଷଣ ସମିତି’ ଏବଂ କାର୍ଯ୍ୟନିର୍ବାହୀ କମିଟି

କାର୍ଯ୍ୟ ନିର୍ବାହୀ କମିଟି ସଭ୍ୟମାନଙ୍କର ପ୍ରତିନିଧିତ୍ୱ କରୁଥିବାରୁ ସାଧାରଣ ପରିଷଦ ପାଖରେ ଉତ୍ତରଦାୟୀ ରହିବେ । କାର୍ଯ୍ୟନିର୍ବାହୀ କମିଟିରେ ସଦସ୍ୟ ନଥିବା କୌଣସି ସମିତି ସଭ୍ୟଙ୍କର ଯଦି କୌଣସି ଉପାଦେୟ କାର୍ଯ୍ୟକ୍ରମ ବିଷୟରେ ମତାମତ ଦେବାର ଆବଶ୍ୟକତା ପଡ଼େ, ତେବେ କାର୍ଯ୍ୟନିର୍ବାହୀ କମିଟି ତାଙ୍କୁ ବୈଠକକୁ ଆସି ମତାମତ ଦେବା ପାଇଁ ଆମନ୍ତ୍ରଣ କରିପାରିବେ ।

କାର୍ଯ୍ୟନିର୍ବାହୀ କମିଟି ଯେଉଁ ସୂଚନା ସଭ୍ୟମାନଙ୍କୁ ଜଣାଇବାକୁ ଚାହୁଁଛନ୍ତି ତାହା ସୂଚନା ବୋର୍ଡ଼ (ବିଜ୍ଞାପନ ପଟା)ରେ ପ୍ରଦର୍ଶନ କରିବେ । ସଭାପତି ପ୍ରତି ୧୫ ଦିନରେ ଥରେ ଗୋଟିଏ ଦିନ ଧାର୍ଯ୍ୟ କରିବେ ଏବଂ ଏହି ଦିନ ସେ ସଭ୍ୟମାନଙ୍କୁ ସାକ୍ଷାତ କରିବେ । ଗ୍ରାମ୍ୟ ବନ ସହାୟକ ଗ୍ରାମବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇବା, ଗ୍ରାମବାସୀ ଏବଂ କାର୍ଯ୍ୟନିର୍ବାହୀ କମିଟି ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ସହିତ ନିର୍ଦ୍ଦିଷ୍ଟ ଭାବେ ବୈଷୟିକ କିମ୍ବା ପ୍ରଶାସନିକ ନିଷ୍ପତ୍ତିକୁ ଗ୍ରାମବାସୀଙ୍କୁ ଜଣାଇବେ ।

## କାର୍ଯ୍ୟନିର୍ବାହୀ କମିଟି ଓ କ୍ଷେତ୍ର ପରିଚାଳନା ସଂସ୍ଥା

ସଭ୍ୟସଚିବ କାର୍ଯ୍ୟନିର୍ବାହୀ କମିଟି ଓ କ୍ଷେତ୍ର ପରିଚାଳନା ସଂସ୍ଥା ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ସହିତ ‘ବନ ସଂରକ୍ଷଣ ସମିତି’ ଓ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ଦାୟୀ ରହିବେ । ଗ୍ରାମ୍ୟବନ ସହାୟକ ବନ ସଂରକ୍ଷଣ ସମିତିର ଆକାଂକ୍ଷାକୁ ସଭ୍ୟ ସଚିବ ଓ କ୍ଷେତ୍ର ପରିଚାଳନା ସଂସ୍ଥାକୁ ଜଣାଇବେ । ପରିସ୍ଥିତିକୁ ଦେଖି ସ୍ୱେଚ୍ଛାସେବୀ ପ୍ରତିନିଧିମାନେ ନିଜର ଦକ୍ଷତା ଏବଂ ସୁସମ୍ପର୍କକୁ ଉପଯୋଗ କରି କ୍ଷେତ୍ର ପରିଚାଳନା ସଂସ୍ଥାକୁ ପ୍ରକଳ୍ପର ଆଭିମୁଖ୍ୟ ପୂରଣ ଦିଗରେ ସହାୟକ ହେଉଥିବା ପରାମର୍ଶ ପ୍ରଦାନ କରିବେ । କ୍ଷେତ୍ର ପରିଚାଳନା ସଂସ୍ଥା ମୁଖ୍ୟ, କାର୍ଯ୍ୟନିର୍ବାହୀ କମିଟିର ସଭାପତି ଓ ସଭ୍ୟମାନଙ୍କର ପରାମର୍ଶ, ଦାବୀ ଓ ଅଭିଯୋଗକୁ ଦୃଷ୍ଟିଦେବେ ।

## ‘ବନ ସଂରକ୍ଷଣ ସମିତି’ ଓ ଅନ୍ୟାନ୍ୟ ସଂସ୍ଥା

ଯଦିଓ ‘ବନ ସଂରକ୍ଷଣ ସମିତି’ ମୁଖ୍ୟତଃ ଜଙ୍ଗଲ ବିଭାଗ ସହାୟତାରେ ଗଠନ କରାଯାଇଛି କିନ୍ତୁ ପ୍ରକଳ୍ପର ସାମୁହିକ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ମଧ କାର୍ଯ୍ୟକାରୀ କରିପାରିବେ । କାର୍ଯ୍ୟକାରୀ କମିଟି ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷାକରି ସାଧାରଣ ପରିଷଦର ଅନୁମୋଦନ କ୍ରମେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ । ସଭାପତି ସମିତି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ପାରିବେ । ସଭାପତି ଏବଂ ସଭ୍ୟସଚିବଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କରେ ‘ବନ ସଂରକ୍ଷଣ ସମିତି’ର ପ୍ରତିନିଧିତ୍ୱ କରିବାର ଦାୟିତ୍ୱ ଅନ୍ୟ କୌଣସି କମିଟି ସଦସ୍ୟଙ୍କୁ ଦିଆଯାଇପାରିବ । ‘ବନ ସଂରକ୍ଷଣ ସମିତି’ର ସଭ୍ୟମାନଙ୍କୁ ବିଭିନ୍ନ ସମ୍ମିଳନୀ, ଆଲୋଚନାଚକ୍ର ଓ ତାଲିମ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରାଯାଏ । କମିଟିର ସଭାପତି ପଞ୍ଚାୟତ ସମିତି, ଜଳକମିଟି ଆଦି ବିଭିନ୍ନ ସଙ୍ଗଠନ ସହିତ ସୁସମ୍ପର୍କ ରକ୍ଷା କରି ସେମାନଙ୍କୁ ‘ବନ ସଂରକ୍ଷଣ ସମିତି’ର କାର୍ଯ୍ୟକ୍ରମ ବିଷୟରେ ଜଣାଇଥାନ୍ତି ।

## ବିବାଦ ସମାଧାନ ବ୍ୟବସ୍ଥା

ବେଳେବେଳେ ‘ବନ ସଂରକ୍ଷଣ ସମିତି’ ସଭ୍ୟମାନଙ୍କ ମଧ୍ୟରେ କିମ୍ବା ଅନ୍ୟ ବନ ସଂରକ୍ଷଣ ସମିତି ମଧ୍ୟରେ ବିଭିନ୍ନ ବିଷୟକୁ ନେଇ ସମସ୍ୟା ଉପୁଜିଥାଏ । ଯାହାଫଳରେ ‘ବନ ସଂରକ୍ଷଣ ସମିତି’ର ସ୍ଥିତି ନେଇ ଆଶଙ୍କା ଦେଖାଯାଏ । ଜଙ୍ଗଲର ସୀମା ନିର୍ଦ୍ଧାରଣ, ଫୌଜଦାରୀ ଓ ଦେୱାନୀ ଆଦି ସମସ୍ୟା ଯୋଗୁଁ ଆଇନଗତ ବିବାଦ ସୃଷ୍ଟି ହୋଇଥାଏ । ସେହିପରି, ସାମାଜିକ ପ୍ରଥା ଏବଂ ଧର୍ମ ବିଶ୍ୱାସକୁ ନେଇ ବିବାଦ ଦେଖାଯାଇ ପାରେ । ଏଥିସହିତ ଆୟକାରୀ କାର୍ଯ୍ୟକ୍ରମ ଏବଂ ଗଛପତ୍ର କଟାକଟି ନେଇ ବୈଷୟିକ ସମସ୍ୟା ସୃଷ୍ଟି ହୁଏ । ଏସବୁର ବିବାଦ ସମାଧାନ ପାଇଁ ‘ବନ ସଂରକ୍ଷଣ ସମିତି’ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବେ ।

## ବନ ସଂରକ୍ଷଣ ସମିତିର ଅନ୍ତର୍ବିବାଦ

ବ୍ୟକ୍ତିଗତ ସ୍ୱାର୍ଥ, ଖର୍ଚ୍ଚ ଓ ଲାଭ ଭାଗବଣ୍ଟା, ପାଣ୍ଠି ବିନିଯୋଗରେ ଅନିୟମିତତା ଏବଂ ପ୍ରତିନିଧି ବାଛିବା ନେଇ ସମିତିରେ ସଭ୍ୟମାନଙ୍କ ମଧ୍ୟରେ ବିବାଦ ଓ ମନାନ୍ତର ଦେଖାଦେଇ ପାରେ । ସାଧାରଣ ପରିଷଦର ନିୟମିତ ବୈଠକ ଦ୍ୱାରା ଗ୍ରାମ ମଧ୍ୟରେ ଥିବା ବିବାଦକୁ ସମାଧାନ କରିବାକୁ ଚେଷ୍ଟା କରାଯିବ । ଏ ପ୍ରକାର ବିବାଦଗୁଡ଼ିକୁ ଗ୍ରାମ୍ୟ ବନ ସହାୟକ ସଭାପତିଙ୍କ ଦୃଷ୍ଟିକୁ ଆଣିବା ପରେ କାର୍ଯ୍ୟନିର୍ବାହୀ ବୈଠକରେ ଆଲୋଚନା ହୋଇ ଏହାର ସମାଧାନ କରିବାକୁ ଚେଷ୍ଟା କରାଯିବ ।

## ଅନ୍ୟ ‘ବନ ସଂରକ୍ଷଣ ସମିତି’ କିମ୍ବା ଅନ୍ୟ ଗ୍ରାମ ସହିତ ବିବାଦ

ଜଙ୍ଗଲସୀମା କିମ୍ବା ଜଙ୍ଗଲ ପ୍ରବେଶ ନିଷେଧ ନେଇ ଗ୍ରାମ ମଧ୍ୟରେ କିମ୍ବା ‘ବନ ସଂରକ୍ଷଣ ସମିତି’ ଅନ୍ୟ ବନ ସଂରକ୍ଷଣ ସମିତି ସହିତ ବିବାଦ ଦେଖାଦେଇ ପାରେ । ସଂପୃକ୍ତ ଗ୍ରାମର ନେତୃବୃନ୍ଦ ମାନଙ୍କ ସହିତ ବିଚାର ଆଲୋଚନା ଦ୍ୱାରା ଏହି ବିବାଦଗୁଡ଼ିକୁ ସମାଧାନ କରାଯାଇଥାଏ । କ୍ଷେତ୍ର ପରିଚାଳନା ସଂସ୍ଥା ଉଭୟ ପକ୍ଷର ବୈଠକ ଡକାଇ ସଭାପତି, ସଭ୍ୟସଚିବ, ଗ୍ରାମ୍ୟ ବନ ସହାୟକ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ଉପସ୍ଥିତିରେ ବିବାଦ ସମାଧାନ କରିବାକୁ ଚେଷ୍ଟା କରିବେ । ବିବାଦ ସମାଧାନ ନ ହେଲେ ଗ୍ରାମସଭା ପ୍ରତିନିଧି, ତହସିଲ ପ୍ରତିନିଧି, କ୍ଷେତ୍ର ପରିଚାଳନା ସଂସ୍ଥା ମୁଖ୍ୟ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଖଣ୍ଡୀୟ ପରିଚାଳନା ସଂସ୍ଥା ଏକ କମିଟି ଗଠନ କରିବେ । କମିଟି ଯାହା ନିଷ୍ପତ୍ତି ନେବ ତାକୁ ସମସ୍ତେ ମାନିବାକୁ ବାଧ୍ୟ ।

## ତଦାରଖ ଓ ମୂଲ୍ୟାୟନ

‘ବନ ସଂରକ୍ଷଣ ସମିତି’, ପ୍ରକଳ୍ପ ମାଧ୍ୟମରେ ସଂପାଦିତ କାର୍ଯ୍ୟକ୍ରମ ଗୁଡ଼ିକୁ ଠିକ୍ ମାର୍ଗରେ ନେବା ପାଇଁ ନିଜସ୍ୱ ତଦାରଖ ଓ ମୂଲ୍ୟାୟନ ବ୍ୟବସ୍ଥା କରିବେ । ଏହା ସହିତ ପ୍ରକଳ୍ପ ତରଫରୁ ମଧ ଏହି କାର୍ଯ୍ୟ କରାଯିବ ।

## ତଥ୍ୟ ସଂକଳନ ଓ ଏହାର ପରିଚାଳନା

‘ବନ ସଂରକ୍ଷଣ ସମିତି’ର କାର୍ଯ୍ୟକଳାପ ଏବଂ ଯୋଜନାର ବିଭିନ୍ନ ଦିଗ ବିଷୟରେ ବ୍ୟାପକ ତଥ୍ୟ ସଂଗ୍ରହ କରାଯାଇ ନିୟମିତ ରେକର୍ଡ଼ ରଖାଯିବ । ଯୋଜନାର କାର୍ଯ୍ୟାଦେଶ, ସମିତି ବୈଠକର ପୁଙ୍ଖାନୁପୁଙ୍ଖ ବିବରଣୀ, ସମିତିର ଇତିହାସ ବିଷୟରେ

ନିୟମିତ ତଥ୍ୟ ରଖାଯିବ । ଏଥିସହିତ ଲୋକସଂଖ୍ୟାର ବିବରଣୀ, ସମିତିର ସଭ୍ୟ ମାନଙ୍କ ଓ ଗ୍ରାମର ଅର୍ଥନୈତିକ ସ୍ଥିତି, ଗ୍ରାମ ଜଙ୍ଗଲର ନକ୍ସା, କେତେପାଣ୍ଠି ଆସିଲା କେତେ ଖର୍ଚ୍ଚହେଲା, ଯୋଜନାରୁ ମିଳୁଥିବା ଲାଭ ଓ ବିଭିନ୍ନ କାର୍ଯ୍ୟକାରିତା ନେଇ ନିୟମିତ ତଥ୍ୟ ସଂରକ୍ଷଣ କରାଯିବ ।

### ସଫଳତା ସୂଚକ

ସୂଚକ ମାଧ୍ୟମରେ 'ବନ ସଂରକ୍ଷଣ ସମିତି' ସଫଳତାର ଆକଳନ କରାଯିବ । ମୂଲ୍ୟାୟନ ପଦ୍ଧତିରେ ସମିତିଗୁଡ଼ିକୁ ନମ୍ବର ଦିଆଯିବ । ୭୫ ରୁ ଅଧିକ ନମ୍ବର ରଖିଥିବା ସମିତି ବହୁତ ଦକ୍ଷ ବା (କ) ବର୍ଗର ବୋଲି କୁହାଯିବ । ସେହିପରି ୫୦ ରୁ ୭୪ ମଧ୍ୟରେ ନମ୍ବର ରହିଲେ କେବଳ ଦକ୍ଷ ବା (ଖ) ବର୍ଗର ବୋଲି କୁହାଯିବ । ୩୦ ରୁ ୪୯ ମଧ୍ୟରେ ନମ୍ବର ପାଇଥିବା ସମିତିକୁ (ଗ) ବର୍ଗର ବୋଲି ଧରାଯିବ । ୩୦ ରୁ କମ୍ ନମ୍ବର ପାଇଥିବା ସମିତିକୁ ଅକାମୀ ଘୋଷଣା କରାଯିବ ।

### ସଫଳତା ଆକଳନ ବେଳେ ନିମ୍ନଲିଖିତ ବିଷୟ ଗୁଡ଼ିକୁ ବିଚାର କରାଯିବ ।

୧) 'ବନ ସଂରକ୍ଷଣ ସମିତି' ବୈଠକରେ ଗ୍ରାମବାସୀମାନେ କେତେଦୂର ଅଂଶଗ୍ରହଣ କରୁଛନ୍ତି ।

୨) ସଂଖ୍ୟାଲଘୁ ଓ ମହିଳାମାନେ କେତେ ଅଂଶଗ୍ରହଣ କରୁଛନ୍ତି ।

୩) ସମିତିର ବିଭିନ୍ନ କାର୍ଯ୍ୟକ୍ରମରେ ସଭ୍ୟମାନେ କିଭଳି ସହଯୋଗ କରୁଛନ୍ତି ।

୪) ସଭ୍ୟମାନେ କେତେ ମାତ୍ରାରେ ସ୍ଥାନୀୟ ସମ୍ବଳ ବିନିଯୋଗ କରୁଛନ୍ତି ।

୫) ଅଣୁଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତାରେ ସଭ୍ୟମାନେ କି ପ୍ରକାର ଅଂଶଗ୍ରହଣ କରିଛନ୍ତି ।

୬) ଜଙ୍ଗଲର ଗୁରୁତ୍ୱ ଉପରେ ସଭ୍ୟମାନଙ୍କ ମନୋଭାବରେ ପରିବର୍ତ୍ତନ ହେଉଛି କି ନାହିଁ ।

୭) 'ବନ ସଂରକ୍ଷଣ ସମିତି' ର ପଞ୍ଚାୟତ ଓ ଅନ୍ୟ ସଙ୍ଗଠନ ସହିତ ସମ୍ପର୍କ କେତେ ନିବିଡ଼ ।

୮) ଜଙ୍ଗଲ ଅଭିବୃଦ୍ଧିରେ କେତେଦୂର ଉନ୍ନତି ହୋଇଛି ।

୯) ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇଛି ।

୧୦) ଜଙ୍ଗଲ ସୁରକ୍ଷା ବ୍ୟବସ୍ଥାରେ କି ପ୍ରକାର ଉନ୍ନତି ହୋଇଛି ।

୧୧) ନିକଟବର୍ତ୍ତି ଜଙ୍ଗଲରେ ବେନିୟମ କାମ ବନ୍ଦ କରିବା ପାଇଁ ସଭ୍ୟମାନେ କେତେଦୂର ସୂଚନା ଯୋଗାଉଛନ୍ତି ।

୧୨) ସଭ୍ୟମାନଙ୍କ ଆୟବୃଦ୍ଧି ହେଉଛି କି ନାହିଁ ।

୧୩) ସମିତି ଓ ଜଙ୍ଗଲ ପ୍ରତି କି ପ୍ରକାର ଅସୁବିଧା ହେଉଛି ।

### ବନ ସଂରକ୍ଷଣ ସମିତିରେ ତଦାରଖ ବ୍ୟବସ୍ଥା

କାର୍ଯ୍ୟନିର୍ବାହୀ କମିଟିରୁ ଦୁଇଜଣ ଲେଖାଏଁ ସଭ୍ୟଙ୍କୁ ବାଛି ଗ୍ରାମ୍ୟ ବନ ସହାୟକ ସହିତ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ପାଇଁ ତାଲିମ୍ ଦିଆଯିବ । ତାଲିମ୍ ପାଇଲା ପରେ ତଥ୍ୟ ସଂଗ୍ରହ କରି ତାକୁ ଦଲିଲ୍ କରାଯିବ । ଗ୍ରାମ୍ୟ ବନ ସହାୟକ ସେମାନଙ୍କୁ ତଥ୍ୟ ସଂଗ୍ରହରେ ସାହାଯ୍ୟ କରିବେ । ସ୍ୱେଚ୍ଛାସେବୀ ସଂଗଠନ କର୍ମୀ ତଥ୍ୟ ଠିକ୍ ଅଛି କି ନାହିଁ ତାର ସତ୍ୟାସତ୍ୟ ଦେଖି ମତାମତ ଦେବେ । ଜନସାଧାରଣଙ୍କ ଯାଞ୍ଚ ପାଇଁ ସଭ୍ୟସଚିବ ଏବଂ ଗ୍ରାମ୍ୟ ବନ ସହାୟକ ତଥ୍ୟ ସଠିକ ଭାବେ ସଂଗ୍ରହ କରିବେ । ଖଣ୍ଡୀୟ ପରିଚାଳନା ସଂସ୍ଥାର ମୁଖ୍ୟ ତାଙ୍କ କାର୍ଯ୍ୟାଳୟରୁ ବନ ସଂପ୍ରସାରଣ ଅଧିକାରୀଙ୍କୁ ତଦାରଖ ପାଇଁ ପଠାଇବେ ।

### ଯୋଗାଯୋଗ ଓ ପ୍ରଚାର

ଆପାତତଃ କୌଣସି ଏକ ଗ୍ରାମରେ ଗୋଟିଏ କାର୍ଯ୍ୟକ୍ରମ ସଫଳ ହେଲେ ତାହା ତାର ପାଖାପାଖି ଗ୍ରାମକୁ ଜଣା ନ ଥାଏ । ତେଣୁ ଏକ ଯୋଗାଯୋଗ ବ୍ୟବସ୍ଥା ଦରକାର ଯେମିତି କି 'ବନ ସଂରକ୍ଷଣ ସମିତି'ର ସଫଳତାକୁ ଜାଣିହେବ ଏବଂ ତା ଦ୍ୱାରା

ଅନୁପ୍ରାଣିତ ହୋଇ ଅନ୍ୟମାନେ କାର୍ଯ୍ୟ କରିବେ । ଗଣମାଧ୍ୟମକୁ ସେ ସଫଳତାର ଖବର ପ୍ରକାଶ ପାଇଁ ଦିଆଯିବ । ଏହି ବ୍ୟବସ୍ଥା ଦ୍ୱାରା ପ୍ରକଳ୍ପ ସମ୍ବନ୍ଧରେ ଲୋକମାନଙ୍କ ମନରେ ଉପଯୁକ୍ତ ମନୋଭାବ ସୃଷ୍ଟି ହେବ । ସଫଳ କାର୍ଯ୍ୟକ୍ରମର ପ୍ରଚାର ହେଲେ ଲୋକମାନେ ଜଙ୍ଗଲ, ବଣ୍ୟଜନ୍ତୁ, ପ୍ରାକୃତିକ ସମ୍ପଦ ଆଦିର ଗୁରୁତ୍ୱ ଉପଲବ୍ଧି କରିବେ ଏବଂ ଅନ୍ୟ ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ପ୍ରସାର କରାଇବେ ।

## ବାହ୍ୟ ଯୋଗାଯୋଗ ଓ ପ୍ରଚାର

କ୍ଷେତ୍ର ପରିଚାଳନା ସଂସ୍ଥା ଓ 'ବନ ସଂରକ୍ଷଣ ସମିତି' ଏହାର ସଫଳତା ବିଷୟରେ ପ୍ରଚାର ଓ ପ୍ରସାର କରିବାକୁ ଚେଷ୍ଟା କରିବେ । ଖଣ୍ଡୀୟ ପରିଚାଳନା ସଂସ୍ଥା ମୁଖ୍ୟକୁ ଜଣାଇ ଖବର ପ୍ରକାଶ ପାଇଁ ଗଣମାଧ୍ୟମକୁ ଅଥବା ଛୋଟ ଛୋଟ ପୁସ୍ତିକା ମାଧ୍ୟମରେ ନିଜର ସଫଳତାକୁ ପ୍ରଚାର କରିବେ ।

ସେ ଅଞ୍ଚଳର କଳାକାରଙ୍କ ସହାୟତାରେ ଲୋକ ସଙ୍ଗୀତ ଓ ଲୋକ ନୃତ୍ୟ ମାଧ୍ୟମରେ ଯୋଜନାର ସଫଳତାକୁ ଉପସ୍ଥାପନ କରାଯିବ ।

## ଆଭ୍ୟନ୍ତରିଣ ଯୋଗାଯୋଗ

'ବନ ସଂରକ୍ଷଣ ସମିତି'ର ଅଫିସ / ବୈଠକ ସ୍ଥାନରେ ବିଜ୍ଞାପନ ଫଳକ ରହିବ । ସେଥିରେ ସମସ୍ତ ସୂଚନା ଓ ନିଷ୍ପତ୍ତି ପ୍ରଦର୍ଶନ କରାଯିବ ।

## ମାନବ ସମ୍ବଳ ବିକାଶ ଏବଂ ଦକ୍ଷତା ବୃଦ୍ଧି

ଗ୍ରାମବାସୀମାନଙ୍କର ଆବଶ୍ୟକତାକୁ ବିଚାରକୁ ନେଇ ଜଙ୍ଗଲ ସମ୍ପଦର ସୁପରିଚାଳନା କରିବା ମୁଖ୍ୟତଃ ବନ ସଂରକ୍ଷଣ ସମିତିର ମନୋବୃତ୍ତି ଓ ଦକ୍ଷତା ଉପରେ ନିର୍ଭରଶୀଳ । ଏଥିପାଇଁ ସମିତିର ଦକ୍ଷତା ବୃଦ୍ଧି ଉପରେ ପ୍ରକଳ୍ପ ତରଫରୁ ବିଶେଷ ଧ୍ୟାନ ଦିଆଯାଇଛି ।

### କ) ବନ ସଂରକ୍ଷଣ ସମିତିର ମାନବ ସମ୍ବଳ ବିକାଶ

ଖାଲି ଗୋଟିଏ ସମିତି ଗଠନ କରିଦେଲେ ଜଙ୍ଗଲର ଅଭିବୃଦ୍ଧି ହେବା ସମ୍ଭବ ନୁହେଁ । ଏଥିପାଇଁ ସେମାନଙ୍କର ମନୋବୃତ୍ତିରେ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ଜଙ୍ଗଲର ସୁପରିଚାଳନା ନିମନ୍ତେ ସେମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରାଯିବା ଆବଶ୍ୟକ । ଏଣୁ ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଓ ପରିଦର୍ଶନ ମାଧ୍ୟମରେ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ।

### ଖ) ଉପଦେଷ୍ଟା ମଣ୍ଡଳୀ

ପ୍ରତ୍ୟେକ ବନଖଣ୍ଡରେ ଦକ୍ଷତା ଭିତ୍ତିରେ ଜଣେ ସଭାପତି, ଉପସଭାପତି, ଗ୍ରାମ୍ୟ ସହାୟକ, କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ, ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଦଳଗଠନ କରାଯିବ ଯାହାକି ଖଣ୍ଡୀୟ ପରିଚାଳନା ସଂସ୍ଥା ସହାୟକ ମୁଖ୍ୟଙ୍କ ଦ୍ୱାରା ପରିଚାଳିତ ହେବ । ଯୋଜନା ପରିଚାଳନା ପରାମର୍ଶ ଦାତାଙ୍କ ଦ୍ୱାରା ନିଯୁକ୍ତ କ୍ଷେତ୍ର ବିଶେଷଜ୍ଞ ମଧ୍ୟ ଏହାର ସଭ୍ୟ ରହିବେ । ଏହି ମଣ୍ଡଳୀ ଦ୍ୱାରା ପ୍ରତ୍ୟେକ ସମିତିକୁ ଆଲୋଚନା ମାଧ୍ୟମରେ ଉତ୍ସାହିତ କରାଯିବ । ଗ୍ରାମ୍ୟ ବନ ସହାୟକ ଏବଂ କୋଷାଧ୍ୟକ୍ଷଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା ରହିବ । ନୂତନ ପଦ୍ଧତି ଓ ବିଧିବ୍ୟବସ୍ଥା ବିଷୟରେ ଜଣାଇ ଦିଆଯିବ ।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କର୍ମଶାଳା

କ୍ଷେତ୍ର ପରିଚାଳନା ସଂସ୍ଥା ନିଜର ଦପ୍ତର କିମ୍ବା କୌଣସି ଏକ ବନ ସଂରକ୍ଷଣ ସମିତିରେ ବାର୍ଷିକ କର୍ମଶାଳା ଆୟୋଜନ କରିବେ । ସମିତିର କାର୍ଯ୍ୟନିର୍ବାହୀ ସଭ୍ୟ ଓ ଅନ୍ୟ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ । କର୍ମଶାଳାରେ ଗ୍ରାମ୍ୟ ବନ ସହାୟକ କିମ୍ବା ସମିତି ମୁଖ୍ୟମାନେ ବିଗତ ବର୍ଷର ସଫଳତା ବିଷୟରେ ତଥ୍ୟ ଉପସ୍ଥାପନ କରିବେ । ସମିତି ମୁଖ୍ୟମାନେ କର୍ମଶାଳାରୁ ଅନ୍ୟ ସମିତିର କାର୍ଯ୍ୟକ୍ରମ ବିଷୟରେ ଜାଣିବେ ।

# ଦ୍ୱିତୀୟ ଭାଗ

## ବନ ସଂରକ୍ଷଣ ସମିତିରେ ବ୍ୟବହାର କରାଯାଉଥିବା ବିଭିନ୍ନ ଫାରମ୍ ଗୁଡ଼ିକର ନମୁନା

## ଫାରମ୍ - ୨.୧

### ସଂକଳ୍ପ

ଆମ୍ଭେ, ନିମ୍ନ ସ୍ୱାକ୍ଷରକାରୀ ________________ ଗ୍ରାମର ଗ୍ରାମବାସୀ ବୃନ୍ଦ, ଗ୍ରା.ପ.: ________________ ଥାନା ________________ ଜିଲ୍ଲା ________________, ସର୍ବସମ୍ମତି କ୍ରମେ ସଂକଳ୍ପ କରୁ ଅଛୁଯେ ଆମ୍ଭେମାନେ "ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ"ର ଆଭିମୂଖ୍ୟକୁ ସମ୍ମତି ଜଣାଇ ________________ ଜଙ୍ଗଲର ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ ଏକ ବନ ସଂରକ୍ଷଣ ସମିତି / ପରିବେଶ ଉନ୍ନୟନ କମିଟି ଗଢ଼ିବାକୁ ଆଗ୍ରହ ପ୍ରକାଶ କରିଅଛୁ । ପ୍ରକଳ୍ପର ଲକ୍ଷ୍ୟ, କାର୍ଯ୍ୟପନ୍ଥା କାର୍ଯ୍ୟକାରୀ କରିବା ସହ, ଜୀବିକା ନିର୍ବାହରେ ଉନ୍ନତି ଆଣିବା ଏବଂ ନୂତନ କର୍ମପନ୍ଥା ସୃଷ୍ଟି କରିବା ପାଇଁ ଆମ୍ଭେମାନେ ପ୍ରତିଶ୍ରୁତିବଦ୍ଧ । ଆମ୍ଭମାନଙ୍କର କୌଣସି କାର୍ଯ୍ୟକଳାପ ପ୍ରକଳ୍ପର ଆଭିମୂଖ୍ୟ, ଜଙ୍ଗଲ ପରିଚାଳନା ପାଇଁ ଅନୁମୋଦନ କାର୍ଯ୍ୟଯୋଜନା, ଓଡ଼ିଶା ଜଙ୍ଗଲ ଆଇନ୍-୧୯୭୨, ଓଡ଼ିଶା ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ୍-୧୯୭୨ ଓ ଅନ୍ୟାନ୍ୟ ଜଙ୍ଗଲ ସମ୍ବନ୍ଧୀୟ ଆଇନ୍ କାନୁନ୍‌ର ବିରୁଦ୍ଧାଚରଣ କରିବ ନାହିଁ ଏବଂ ଏହାର କାର୍ଯ୍ୟଶୈଳୀ ଓ ବିଧି ବ୍ୟବସ୍ଥାର ଉଲଂଘନ କରିବ ନାହିଁ ।

ଯଦି କୌଣସି ସଦସ୍ୟ ବା କମିଟି/ସମିତି ଉପରୋକ୍ତ ସଂକଳ୍ପ ତଥା ବନ ସଂରକ୍ଷଣ ସମିତି ପରିଚାଳନା ବିଧି ବ୍ୟବସ୍ଥାର ଖିଲାପ କରନ୍ତି ବା ବିରୁଦ୍ଧାଚରଣ କରନ୍ତି ତେବେ ତାଙ୍କର ସଭ୍ୟପଦ ରଦ୍ଦ କରାଯିବ ଏବଂ ତାଙ୍କୁ ସମିତି/କମିଟିକୁ ଉପଲବ୍ଧ ସମସ୍ତ ଅଧିକାର ଓ ସୁବିଧା ସୁଯୋଗରୁ ବଞ୍ଚିତ କରାଯିବ । କୌଣସି ପରିସ୍ଥିତିରେ ଯଦି ଉକ୍ତ ସମିତି/କମିଟିର କାର୍ଯ୍ୟକଳାପ ପ୍ରକଳ୍ପର ବିଧିବ୍ୟବସ୍ଥାକୁ ଉଲଂଘନ କରେ ତେବେ ସମିତି/କମିଟିକୁ ପ୍ରକଳ୍ପ ଦ୍ୱାରା ପ୍ରଦତ୍ତ ଅନୁଦାନ ବନ୍ଦ କରିଦିଆଯିବ ଓ ସମିତି/କମିଟି ବିରୁଦ୍ଧରେ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

| **ଗ୍ରାମବାସୀଙ୍କ ନାମ** | **ସ୍ୱାକ୍ଷର** |
|---|---|
| ୧. | ୧. |
| ୨. | ୨. |
| ୩. | ୩. |
| ୪. | ୪. |
| ୫. | ୫. |

ଏହାର ଅବିକଳ ନକଲ ______________ କ୍ଷେତ୍ରପରିଚାଳନା ସଂସ୍ଥାର ମୂଖ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ଥାନ :

ତାରିଖ :

**ବନପାଳ/ଗ୍ରାମ୍ୟ ବନସେବକଙ୍କ ସ୍ୱାକ୍ଷର**

# ଫାରମ୍ - ୨.୨

## (ବନସଂରକ୍ଷଣ ସମିତିର ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସହ ଗଠବନ୍ଧନ)

__________________ ବନ ସଂରକ୍ଷଣ ସମିତି ତରଫରୁ ଆମ୍ଭେମାନେ ସଂକଳ୍ପ କରୁଅଛୁ ଯେ, "ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ" ର ଲକ୍ଷ୍ୟ ଓ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଆମ୍ଭ ସମିତି/କମିଟି ପ୍ରତିଶୃତିବଦ୍ଧ । ଆମ୍ଭ ସମିତି/କମିଟି ଯୁଗ୍ମ ବନ ପରିଚାଳନା ସଂକଳ୍ପର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ ସଂପାଦନ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ଜଙ୍ଗଲ ଆଇନ୍-୧୯୭୨ ଓ ଅନ୍ୟାନ୍ୟ ଜଙ୍ଗଲ ସମ୍ବନ୍ଧୀୟ ଆଇନ୍ କାନୁନ ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ ରହିବ ।

କୌଣସି ପରିସ୍ଥିତିରେ ଯଦି ସମିତିର କାର୍ଯ୍ୟକଳାପ "ପ୍ରକଳ୍ପ"ର ବିଧି ବ୍ୟବସ୍ଥାକୁ ଉଲଂଘନ କରେ ତେବେ ସମିତିକୁ ପ୍ରକଳ୍ପ ଦ୍ୱାରା ପ୍ରଦତ୍ତ ଅନୁଦାନ ବନ୍ଦ କରିଦିଆଯିବ ଓ ସମିତି ବିରୁଦ୍ଧରେ ଆଇନାନୁମୋଦିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

| **କାର୍ଯ୍ୟକାରୀ ସଦସ୍ୟଙ୍କ ସ୍ୱାକ୍ଷର** | **ଉପସଭାପତିଙ୍କ ସ୍ୱାକ୍ଷର** | **ସଭ୍ୟସଚିବଙ୍କ ସ୍ୱାକ୍ଷର** | **ସଭାପତିଙ୍କ ସ୍ୱାକ୍ଷର** |
|---|---|---|---|

୧.

୨.

୩.

୪.

୫.

ସ୍ଥାନ :

ତାରିଖ :

# ଫାରମ୍ - ୨.୩

## କ୍ଷେତ୍ରପରିଚାଳନା ମୁଖ୍ୟଙ୍କ ସୁପାରିଶ

_________________ ବନପାଳ/ଗ୍ରାମ୍ୟ ବନସେବକଙ୍କ ଦ୍ୱାରା ପ୍ରସ୍ତାବିତ _________________ ଗ୍ରାମ _________________ ଗ୍ରା.ପ. _________________ ଥାନା _________________ ଜିଲ୍ଲାର ଗ୍ରାମବାସୀମାନଙ୍କ ଦ୍ୱାରା _________________ ବନସଂରକ୍ଷଣ ସମିତି ଗଠନ ନିମିତ୍ତ _________________ ତାରିଖର ସଙ୍କଳ୍ପକୁ ସଂଲଗ୍ନ କରି _________________ ଜଙ୍ଗଲର (ଆଂଶିକ/ସମ୍ପୂର୍ଣ୍ଣ) ଅଞ୍ଚଳ ପାଇଁ ଏହି ବନସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟି ଗଠନ କରାଯିବା ପାଇଁ ମୁଁ ସୁପାରିଶ କରୁଅଛି ।

ଏହି ସମିତିକୁ _________________ ଜଙ୍ଗଲର _________________ ହେକ୍ଟର ଅଞ୍ଚଳ ସୁରକ୍ଷା ଓ ଅଭିବୃଦ୍ଧି ନିମିତ୍ତ ଦାୟିତ୍ୱ ଦିଆଯାଇଛି । ଏହାର ନକ୍ସା ଓ ଭୂ-ବିବରଣୀ ଏଥିସହିତ ସଂଲଗ୍ନ କରାଗଲା ।

**ଅଥବା**

_______________ ଅଭୟାରଣ୍ୟ/ଜାତୀୟ ଉଦ୍ୟାନର ନିକଟବର୍ତ୍ତୀ _______________ ହେକ୍ଟର ଜଙ୍ଗଲର ଉନ୍ନୟନ ପାଇଁ ଉକ୍ତ ପରିବେଶ ଉନ୍ନୟନ କମିଟିକୁ ଦାୟିତ୍ୱ ଦିଆଯାଇଅଛି । ଏହି ଜଙ୍ଗଲର ନକ୍ସା ଓ ଭୂ-ବିବରଣୀ ଏଥିସହିତ ସଂଲଗ୍ନ କରାଗଲା ।

_________________________

_________________କ୍ଷେତ୍ର ପରିଚାଳନା ସଂସ୍ଥା ମୁଖ୍ୟଙ୍କ କାର୍ଯ୍ୟାଳୟ **କ୍ଷେତ୍ର ପରିଚାଳନା ମୁଖ୍ୟଙ୍କ ସ୍ୱାକ୍ଷର**

ଚିଠି ନଂ _________________ ତାରିଖ _________________

ଉକ୍ତ ବନସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟିକୁ ପଞ୍ଜୀକୃତ କରିବା ପାଇଁ ଓ ଶ୍ରୀମତୀ/ଶ୍ରୀ _________________ ବନପାଳ/ଗ୍ରାମ୍ୟ ବନସେବକ/ସେବିକାଙ୍କୁ ସମିତିର ସଭ୍ୟ ସଚୀବ ଭାବରେ ମନୋନୀତ କରିବା ପାଇଁ _________________ ଖଣ୍ଡୀୟ ପରିଚାଳନା ସଂସ୍ଥାକୁ ସୁପାରିଶ କରୁଛି ।

_________________________

**କ୍ଷେତ୍ର ପରିଚାଳନା ମୁଖ୍ୟଙ୍କ ସ୍ୱାକ୍ଷର**

# ଫାରମ୍ - ୨.୪

## ______________ ଖଣ୍ଡୀୟ ପରିଚାଳନା ମୁଖ୍ୟଙ୍କ କାର୍ଯ୍ୟାଳୟ

## ନିର୍ଦ୍ଦେଶାନାମା ସଂଖ୍ୟା ______________ ତା. ______________

______________ କ୍ଷେତ୍ର ପରିଚାଳନା ସଂସ୍ଥା ମୁଖ୍ୟଙ୍କ ଦ୍ୱାରା ପ୍ରେରିତ ଚିଠି ସଂଖ୍ୟା ______________ ତା ______________ ପ୍ରସ୍ତାବକୁ ବିଚାର କରି ଓ ଅନ୍ୟାନ୍ୟ ସମସ୍ତ ସମ୍ଭାବ୍ୟ ଦିଗକୁ ପର୍ଯ୍ୟାଲୋଚନା କରି ______________ ଜଙ୍ଗଲ/ଅଭୟାରଣ୍ୟ/ଜାତୀୟ ଉଦ୍ୟାନ ସଂଲଗ୍ନ ଜଙ୍ଗଲ ଅଞ୍ଚଳକୁ (ଆଂଶିକ/ସଂପୂର୍ଣ୍ଣ) ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ______________ ଗ୍ରାମ ______________ ଗ୍ରା.ପ. ______________ ଥାନା ______________ ଜିଲ୍ଲାର, ______________ ବନସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟିକୁ ଏତଦ୍ୱାରା ଦାୟିତ୍ୱ ପ୍ରଦାନ କରାଗଲା ।

ଏହି ସମିତିର ଦାୟିତ୍ୱରେ ଦିଆଯାଇଥିବା ଜଙ୍ଗଲର ପରିମାଣ ______________ ହେକ୍ଟର ଅଟେ, ଯାହାର ନକ୍ସା ଓ ଭୂ-ବିବରଣୀ ଏଥିସହିତ ସଂଲଗ୍ନ କରାଯାଇଅଛି ।

**ଅଥବା**

______________ ଅଭୟାରଣ୍ୟ/ଜାତୀୟ ଉଦ୍ୟାନର ନିକଟବର୍ତ୍ତୀ ______________ ହେକ୍ଟର ଜଙ୍ଗଲର ଉନ୍ନୟନ ପାଇଁ ______________ ପରିବେଶ ଉନ୍ନୟନ କମିଟିକୁ ଦାୟିତ୍ୱ ଦିଆଯାଇଥିବା ଜଙ୍ଗଲର ନକ୍ସା ଓ ଭୂ-ବିବରଣୀ ଏଥିସହିତ ସଂଲଗ୍ନ କରାଗଲା ।

ଉକ୍ତ ବନ ସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟିର ଖଣ୍ଡୀୟ ପଞ୍ଜୀକରଣ ସଂଖ୍ୟା ______________ ଅଟେ ।

______________

ଚିଠି ନଂ ______________ ତାରିଖ ______________ **ଖଣ୍ଡୀୟ ପରିଚାଳନା ମୁଖ୍ୟଙ୍କ ସ୍ୱାକ୍ଷର**

ଏହାର ଏକକିତା ନକଲ ______________ କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ / ______________ ବନ ସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟିର ସଭାପତି/ସଭ୍ୟସଚିବ ଓ ______________ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପ୍ରେରଣ କରାଗଲା ।

**ଖଣ୍ଡୀୟ ପରିଚାଳନା ମୁଖ୍ୟ**

______________ **ବନଖଣ୍ଡ**

# ଫାରମ୍ - ୨.୫

## ବୁଝାମଣାପତ୍ର

୧. ଆମ୍ଭେ ________________ ଗ୍ରାମର ବନସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟିର କାର୍ଯ୍ୟକାରୀ କମିଟିର ସଭ୍ୟବୃନ୍ଦ, ଏତଦ୍ୱାରା ବ୍ୟକ୍ତିଗତ ତଥା ସାମୂହିକ ଭାବେ ଅଙ୍ଗୀକାର କରୁଅଛୁ ଯେ, "ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ"ର ଉଦ୍ଦେଶ୍ୟ ଓ ବିଧି ମୁତାବକ ନିମ୍ନଲିଖିତ ତଫସିଲରେ ବର୍ଣ୍ଣିତ ଉଜୁଡ଼ା ଜଙ୍ଗଲର ସୁରକ୍ଷା ଓ ପରିଚାଳନା ପାଇଁ ଆମ୍ଭେ ଆମ୍ଭର କର୍ତ୍ତବ୍ୟ ସମ୍ପାଦନ ଓ ଦାୟିତ୍ୱ ବହନ କରିବୁ । ଏଥିରୁ ଉପଲବ୍ଧ ସୁବିଧା ଓ ସମ୍ପଦକୁ ସମବଣ୍ଟନ ପଦ୍ଧତିରେ ଉପଭୋଗ କରିବୁ ।

୧. ବନ ସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟିର ନାମ ________________

୨. ଜିଲ୍ଲା ________________

୩. ବନଖଣ୍ଡ ________________

୪. ବନାଞ୍ଚଳ ________________

୫. ସେକ୍‌ସନ ________________

୬. ବିଟ୍ ________________

୭. ଥାନା ________________

୮. ଗ୍ରାମ ________________

୯. ଜଙ୍ଗଲ ବ୍ଲକ୍‌ର ନାମ ________________

୧୦. ଜଙ୍ଗଲର ଆଇନଗତ ସ୍ଥିତି ________________

୧୧. ଜଙ୍ଗଲର ଆୟତନ (ହେକ୍ଟର) ________________

୧୨. ସୀମା-ସରହଦ ________________

ଉତ୍ତର ________________ ପୂର୍ବ ________________

ଦକ୍ଷିଣ ________________ ପଶ୍ଚିମ ________________

୨. ଆମ୍ଭେ ବୁଝିଅଛୁ ଯେ, କାର୍ଯ୍ୟନିର୍ବାହୀ କମିଟି ଓ ବନ ସୁରକ୍ଷା ସମିତି/ପରିବେଶ ଉନ୍ନୟନ କମିଟିର ସଭ୍ୟମାନେ ତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସନ୍ତୋଷଜନକ ଭାବରେ ପାଳନ କଲେ ହିଁ ପ୍ରକଳ୍ପ ଦ୍ୱାରା ପ୍ରଦତ୍ତ ପ୍ରୋତ୍ସାହନ ଓ ଅନୁଦାନ ପାଇବା ପାଇଁ ଅନୁମତି ପାଇ ପାରିବେ । ଆମ୍ଭେମାନେ ଓଡ଼ିଶା ଜଙ୍ଗଲ ଆଇନ ଓ ଯୁଗ୍ମ ବନ ପରିଚାଳନା ସମ୍ବନ୍ଧିତ ସରକାରୀ ଅଧିସୂଚନାର ନିୟମାବଳୀକୁ ଉଲଂଘନ କରିବୁ ନାହିଁ ବୋଲି ପ୍ରତିଶୃତି ବଦ୍ଧ ।

୩. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ସମିତି/କମିଟି ସହିତ ଆଲୋଚନା ମାଧ୍ୟମରେ ଗ୍ରାମରେ ହେବାକୁ ଥିବା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନେବେ ଓ ଏଥିନିମିତ୍ତ ପ୍ରକଳ୍ପର ସମ୍ବଳ ଅନୁଯାୟୀ ବୈଷୟିକ ଓ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଉଦ୍ୟମ କରିବେ ।

୪. ବନ ସଂରକ୍ଷଣ ସମିତି/ପରିବେଶ ଉନ୍ନୟନ କମିଟି, ପ୍ରକଳ୍ପ ଦ୍ୱାରା ପ୍ରଦତ୍ତ ଅର୍ଥ ଓ ସମିତି/କମିଟି ସମ୍ପଦରୁ ଆଦାୟ ଅର୍ଥର ସଦୁପଯୋଗ କରିବା ପାଇଁ ଓ ତାର ସଠିକ୍ ହିସାବ ରଖିବା ପାଇଁ ଦାୟିତ୍ୱ ବହନ କରିବେ ।

୫. ସମିତି/କମିଟିରେ ଆର୍ଥିକ ବିଶୃଙ୍ଖଳା ଦେଖାଦେଲେ କିମ୍ବା ପ୍ରକଳ୍ପ କାର୍ଯ୍ୟବିଧି ତଥା ଜଙ୍ଗଲ ଆଇନ୍‌ର ବିରୁଦ୍ଧାଚରଣ ଦୃଷ୍ଟିଗୋଚର ହେଲେ କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ ବିହିତ ତଦନ୍ତ କରି ଖଣ୍ଡୀୟ ପରିଚାଳନା ସଂସ୍ଥାର ଅନୁମୋଦନ କ୍ରମେ ସମିତି/କମିଟିର ଜମାଖାତାକୁ ସାମୟିକ ଭାବେ ଅଚଳ କରିପାରିବେ । ଏଥିସହିତ ପ୍ରକଳ୍ପର କାର୍ଯ୍ୟକ୍ରମକୁ ବନ୍ଦକରିବା ସଙ୍ଗେ ସଙ୍ଗେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

୬. ବନ ସଂରକ୍ଷଣ ସମିତି ପରିଚାଳନା ପୁସ୍ତିକା ଓ କାର୍ଯ୍ୟପ୍ରଣାଳୀ ପୁସ୍ତିକାରେ ବର୍ଣ୍ଣିତ ସର୍ତ୍ତ ଓ ବିଧି ବ୍ୟବସ୍ଥା ଉଭୟ ପକ୍ଷ ପାଇଁ ଗ୍ରହଣୀୟ ହେବ ଏବଂ ଉଭୟ ପକ୍ଷ ପ୍ରକଳ୍ପର ଲକ୍ଷ୍ୟ ସାଧନ ନିମିତ୍ତ ଗୋଷ୍ଠୀଗତ ଭାବରେ କାର୍ଯ୍ୟ ସମ୍ପାଦନ କରିବେ ।

୭. ଆମ୍ଭେମାନେ ବ୍ୟକ୍ତିଗତ ଓ ସାମୁହିକ ଭାବେ ଆମ୍ଭର କର୍ତ୍ତବ୍ୟ ଓ ଦାୟିତ୍ୱକୁ ଠିକ୍ ଭାବରେ ହୃଦୟଙ୍ଗମ କରି ଏହି "ବୁଝାବଣାପତ୍ର"ରେ ସ୍ୱାକ୍ଷର କରିଅଛୁ ।

ପ୍ରକାଶ ଥାଉକି, ଆମ୍ଭେମାନେ ପ୍ରକଳ୍ପ ପାଇଁ ଏବଂ ସମିତି/କମିଟି ସଭ୍ୟମାନଙ୍କର ସର୍ବାଙ୍ଗୀନ ହିତସାଧନ ପାଇଁ କାର୍ଯ୍ୟ ସମ୍ପାଦନ କରିବୁ । ଏହି "ବୁଝାମଣା ଚୁକ୍ତି ପତ୍ର" ________________ ତାରିଖ ଠାରୁ କାର୍ଯ୍ୟକାରୀ ହେବ ।

**ସଭାପତିଙ୍କ ସ୍ୱାକ୍ଷର**
ବନ ସଂରକ୍ଷଣ ସମିତି/
ପରିବେଶ ଉନ୍ନୟନ କମିଟି

**କ୍ଷେତ୍ରପରିଚାଳନା ମୁଖ୍ୟଙ୍କ ସ୍ୱାକ୍ଷର**
________________ କ୍ଷେତ୍ର ପରିଚାଳନା ସଂସ୍ଥା

**ସାକ୍ଷୀ**

| ନାମ | ଠିକଣା | ଦସ୍ତଖତ |
|---|---|---|
| ୧. | | |
| ୨. | | |
| ୩. | | |

ଚିଠି ନଂ __________________ ତାରିଖ __________________

ଏହାର ଏକକିତା ଅବିକଳ ନକଲ ________________________ ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ ନିର୍ଦ୍ଦେଶନାମା ସଂଖ୍ୟା ________________ ତା ______________ ରିଖ ରେ ଗଠିତ / ପଞ୍ଜିକୃତ ________________ ବନ ସଂରକ୍ଷଣ ସମିତି/ ପରିବେଶ ଉନ୍ନୟନ କମିଟି ସମ୍ବନ୍ଧିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

**କ୍ଷେତ୍ର ପରିଚାଳନା ସଂସ୍ଥା ମୁଖ୍ୟ**

__________________ **କ୍ଷେତ୍ର ପରିଚାଳନା ସଂସ୍ଥା**

# ଫାରମ୍ - ୨.୬

## ବୈଠକର ବିବରଣୀ ଖାତା (ଖାତା ଆରମ୍ଭ ପୃଷ୍ଠା)

(ବନ ସଂରକ୍ଷଣ ସମିତିର ସମସ୍ତ ବୈଠକର କାର୍ଯ୍ୟ ବିବରଣୀ ଏହି ଖାତାରେ ଲିପିବଦ୍ଧ ହେବ ।
ସମସ୍ତ ନିଷ୍ପତ୍ତି ପ୍ରସ୍ତାବ ଆକାରରେ ଦଲିଲ କରାଯିବ )

୧. ସମିତି / କମିଟିର ନାମ : ______________________

୨. କ୍ଷେତ୍ର ପରିଚାଳନା ସଂସ୍ଥା : ______________________

୩. ଖଣ୍ଡୀୟ ପରିଚାଳନା ସଂସ୍ଥା : ______________________

# ବିଷୟ ସୂଚୀ

## (ଏଥିପାଇଁ ୪ କିମ୍ବା ୫ ପୃଷ୍ଠା ବ୍ୟବହାର କରନ୍ତୁ)

| କ୍ରମିକ ସଂଖ୍ୟା | ବୈଠକ ତାରିଖ | ବୈଠକର ନାମ (ସାଧାରଣ ପରିଷଦ/କାର୍ଯ୍ୟକାରୀ କମିଟି/ସ୍ୱତନ୍ତ୍ର ବୈଠକ) | ପୃଷ୍ଠା | ନିଷ୍ପତ୍ତି ସଂଖ୍ୟା |
|---|---|---|---|---|
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |

# ବୈଠକର ବିବରଣୀ

**ବୈଠକ ତାରିଖ :**

**(ପ୍ରତ୍ୟେକ ବୈଠକ ପାଇଁ ଅଲଗା ପୃଷ୍ଠାରେ ବିବରଣୀ ପ୍ରସ୍ତୁତ କରାଯିବ)**

| ଆଲୋଚ୍ୟ ବିଷୟବସ୍ତୁ | ଗୃହିତ ନିଷ୍ପତ୍ତି | ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ଦାୟିତ୍ୱ ନେଇଥିବା ସଭ୍ୟଙ୍କ ନାମ |
|---|---|---|
| କ) | ନିଷ୍ପତ୍ତି ୧.<br>ନିଷ୍ପତ୍ତି ୨. | |
| ଖ) | ନିଷ୍ପତ୍ତି ୧.<br>ନିଷ୍ପତ୍ତି ୨. | |
| ଗ) | ନିଷ୍ପତ୍ତି ୧.<br>ନିଷ୍ପତ୍ତି ୨. | |
| | | |
| | | |

**ସଭ୍ୟମାନଙ୍କ ସ୍ୱାକ୍ଷର :**

୧.

୨.

୩.

୪.

**ସଭ୍ୟସଚିବଙ୍କ ସ୍ୱାକ୍ଷର** **ସଭାପତିଙ୍କ ସ୍ୱାକ୍ଷର**

# ତୃତୀୟ ଭାଗ

# ଅଣୁଯୋଜନା

ଜଙ୍ଗଲ ସୁରକ୍ଷା ଓ ସୁପରିଚାଳନା ସହିତ ଗ୍ରାମର ସର୍ବାଙ୍ଗିନ ଉନ୍ନତି ପାଇଁ 'ବନ ସଂରକ୍ଷଣ ସମିତି' ଦ୍ୱାରା ଅଣୁଯୋଜନା ପ୍ରସ୍ତୁତ କରାଯିବ । ସ୍ୱେଚ୍ଛାସେବୀ ସଙ୍ଗଠନ, ବିଶେଷଜ୍ଞ ଓ ସଂପୃକ୍ତ କ୍ଷେତ୍ର ପରିଚାଳନା ସଂସ୍ଥା ଅଣୁ ଯୋଜନା ପ୍ରସ୍ତୁତିରେ 'ବନ ସଂରକ୍ଷଣ ସମିତି'କୁ ସାହାଯ୍ୟ କରିବେ । ସଭ୍ୟମାନଙ୍କର ପ୍ରାଥମିକ ଆବଶ୍ୟକତା ଓ ଉପଲବ୍ଧ ସଂପଦକୁ ବିଚାରକୁ ନେଇ, ସହଭାଗୀ ଗ୍ରାମ୍ୟ ଅବଧାରଣା (PRA) ପଦ୍ଧତିରେ ପରସ୍ପର ସହଯୋଗରେ ଅଣୁଯୋଜନା ପ୍ରସ୍ତୁତ କରାଯିବ । ପ୍ରତ୍ୟେକ ବନ ସଂରକ୍ଷଣ ସମିତି ପାଇଁ ଉଦ୍ଦିଷ୍ଟ ଉଜୁଡ଼ା ଜଙ୍ଗଲର ନକ୍ସା ପ୍ରସ୍ତୁତ କରାଯିବ । ଅଣୁ ଯୋଜନାରେ ଉଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକୁ ପ୍ରକଳ୍ପ ସହାୟତାରେ ସଂପାଦନ କରାଯିବ ।

**ଅଣୁ ଯୋଜନାର ଉଦ୍ଦେଶ୍ୟ**

କ) ଉଜୁଡ଼ା ଜଙ୍ଗଲର ସୁରକ୍ଷା ଓ ସୁପରିଚାଳନା ଦ୍ୱାରା ତାକୁ ଉତ୍ପାଦନକ୍ଷମ କରିବା ।

ଖ) ମୃତ୍ତିକା ଓ ଜଳ ସଂରକ୍ଷଣ ଦ୍ୱାରା କୃଷିର ଉନ୍ନତି ଓ ଲଘୁବନଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ।

ଗ) ଗ୍ରାମବାସୀ ମାନଙ୍କୁ ଉଭୟ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଉପକାର ମିଳିବା ପାଇଁ ଅଣୁଯୋଜନାରେ ବ୍ୟବସ୍ଥା କରାଯିବ ।

ଘ) ଗ୍ରାମରେ ଥିବା ସମସ୍ତ ଆର୍ଥିକ ବର୍ଗଙ୍କର ଆବଶ୍ୟକତାକୁ ବିଚାରକୁ ନିଆଯିବ ।

ଙ) ବୈଜ୍ଞାନିକ ପଦ୍ଧତିରେ ଜଙ୍ଗଲରୁ ଭବିଷ୍ୟତରେ ଉଭୟ କାଷ୍ଠ ଓ ଅଣକାଷ୍ଠ ବନ ଦ୍ରବ୍ୟ ଉତ୍ପାଦନ ଓ ଅମଳ କରିବାର ବ୍ୟବସ୍ଥା କରାଯିବ ।

ଚ) ଗ୍ରାମର ସାମୁହିକ ଉନ୍ନତି ସଙ୍ଗେ ସଙ୍ଗେ ବିଶେଷ କରି ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାର ଗୁଡ଼ିକ ପାଇଁ ବିକଳ୍ପ ରୋଜଗାର ପନ୍ଥା ସୃଷ୍ଟି କରାଯିବ ।

**ଅଣୁ ଯୋଜନାର ମୌଳିକ ନୀତି :**

କ) ସମିତି ପାଇଁ ଉଦ୍ଦିଷ୍ଟ ବନାଞ୍ଚଳର ଜଙ୍ଗଲ ସମ୍ପଦ, ଭୂ-ସମ୍ପଦ ଓ ଜଳ ସମ୍ପଦର ଉନ୍ନତି କଳ୍ପେ ଅଣୁଯୋଜନାରେ ବୈଷୟିକ, ସାମାଜିକ ଓ ପରିଚାଳନାଗତ ଉପାୟମାନ ସ୍ଥିର କରାଯିବ ।

ଖ) ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କର ଦାୟିତ୍ୱ, ବନ ବିଭାଗର ଭୂମିକା, ନିୟମାନୁଯାୟୀ ଜଙ୍ଗଲର ଅମଳ ବ୍ୟବସ୍ଥା ଓ ଉପଲବ୍ଧ ଦ୍ରବ୍ୟର ସୁଷମ ବଣ୍ଟନ ବିଷୟରେ ଅଣୁଯୋଜନାରେ ଉଲ୍ଲେଖ କରାଯିବ ।

ଗ) ଗ୍ରାମର ସାମାଜିକ ଓ ଆର୍ଥିକ ପରିସ୍ଥିତି, ଉପସ୍ଥିତ ସମ୍ପଦ, ଜୀବିକା ନିର୍ବାହ ପ୍ରଣାଳୀ ଆଦିକୁ ବିଚାରକୁ ନିଆଯାଇ ଅଣୁଯୋଜନାରେ ବିକାଶ ମୂଳକ କାର୍ଯ୍ୟକ୍ରମଗୁଡ଼ିକ ସ୍ଥିର କରାଯିବ ।

ଘ) ଗ୍ରାମର ସମସ୍ତ ବର୍ଗର ଲୋକମାନଙ୍କୁ ଅଣୁଯୋଜନା ପ୍ରସ୍ତୁତିରେ ସଂପୃକ୍ତ କରାଯିବ ।

ଙ) ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଏପରି ହେବା ଦରକାର ଯଦ୍ୱାରା ଗ୍ରାମବାସୀମାନଙ୍କର ବନ ବିଭାଗ ପ୍ରତି ବିଶ୍ୱାସ ଓ ଆସ୍ଥା ବୃଦ୍ଧି ହେବ ଓ ତତ୍ ସଙ୍ଗେ ସଙ୍ଗେ ଏହା ସେମାନଙ୍କର ନିଜସ୍ୱ ଅବଦାନ ବୋଲି ଗ୍ରହଣୀୟ ହେବ ।

ଚ) ଜଙ୍ଗଲର ବର୍ତ୍ତମାନର ଅବସ୍ଥା, ମୃର୍ତ୍ତିକା ଓ ଜଳ ସଂରକ୍ଷଣ ବ୍ୟବସ୍ଥା, ପ୍ରାକୃତିକ ପୁର୍ନଜନନ, ବୃକ୍ଷରୋପଣ, ସୁରକ୍ଷା ବ୍ୟବସ୍ଥା ଆଦି ବିଷୟରେ ବୈଷୟିକ ତଥ୍ୟ ସମ୍ବଳିତ ଦଲିଲ୍ ପ୍ରସ୍ତୁତ କରାଯିବ ।

ଛ) ଅଣୁଯୋଜନାରେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡ଼ିକ ସଂପାଦନ କରିବା ପାଇଁ ଓ ଜଙ୍ଗଲର ସୁପରିଚାଳନା ପାଇଁ ବନ ସଂରକ୍ଷଣ ସମିତିର ସାମର୍ଥ୍ୟକୁ ବିଚାରକୁ ନେଇ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସ୍ଥିର କରାଯିବ ।

ଜ)	ଗ୍ରାମର ଭିତ୍ତିଭୂମିର ବିକାଶ ନିମନ୍ତେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ସ୍ଥିର କରାଯିବ ।

ଝ)	ଆଞ୍ଚଳିକ ସ୍ତରରେ ଉପଲବ୍ଧ ସମ୍ବଳ ଓ ସଭ୍ୟମାନଙ୍କର ଦକ୍ଷତାକୁ ଦୃଷ୍ଟିରେ ରଖି ରୋଜଗାରକ୍ଷମ କାର୍ଯ୍ୟଗୁଡ଼ିକୁ ଚିହ୍ନଟ କରାଯିବ ଓ ଏହା କାର୍ଯ୍ୟକାରୀ କରାଇବା ପାଇଁ ସମ୍ବଳର ବ୍ୟବସ୍ଥା କରାଯିବ ।

**ଅଣୁଯୋଜନା ପ୍ରସ୍ତୁତି ପାଇଁ କାର୍ଯ୍ୟକ୍ରମ :**

ଗ୍ରାମ ବୈଠକରେ ଅଣୁଯୋଜନା ପ୍ରସ୍ତୁତି ପାଇଁ କାର୍ଯ୍ୟକ୍ରମ ଓ ସହଭାଗୀ ଗ୍ରାମ୍ୟ ଅବଧାରଣା (PRA) ମାଧ୍ୟମରେ ନିମ୍ନ ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ।

**କ)	ଜଙ୍ଗଲ ପରିଚାଳନା ସମ୍ବନ୍ଧୀୟ :**

୧)	ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା

୨)	'ବନ ସଂରକ୍ଷଣ ସମିତି' ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ନିୟମ ଭଙ୍ଗ କଲେ ଦଣ୍ଡର ବ୍ୟବସ୍ଥା

୩)	ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରମାନଙ୍କ ପାଇଁ ବିକଳ୍ପ ଜୀବିକା ନିର୍ବାହ

୪)	'ବନ ସଂରକ୍ଷଣ ସମିତି' ଓ ଜଙ୍ଗଲ ନିକଟରେ ଥିବା ଗ୍ରାମବାସୀମାନଙ୍କର ଉକ୍ତ ଜଙ୍ଗଲ ଉପରେ ଥିବା ପାରମ୍ପରିକ ଅଧିକାର ଓ ବ୍ୟବହାର

୫)	ବିଭିନ୍ନ କାର୍ଯ୍ୟ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳତା, ଯେପରି କୃଷିକାର୍ଯ୍ୟ, ପାରମ୍ପରିକ ଔଷଧ, ଗୋଚାରଣ, ଜାଳେଣୀ ଏବଂ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ

୬)	ଗ୍ରାମବାସୀମାନଙ୍କର ଜଙ୍ଗଲଜାତ ଦ୍ରବ୍ୟର ଆବଶ୍ୟକତା ପୁରଣ ପାଇଁ କାର୍ଯ୍ୟକ୍ରମ ସ୍ଥିର କରିବା

୭)	ଜଳ ଓ ମୃତ୍ତିକା ସଂରକ୍ଷଣ ପାଇଁ ବ୍ୟବସ୍ଥା

୮)	ଜଙ୍ଗଲଜାତ ଦ୍ରବ୍ୟରେ ସ୍ୱାବଲମ୍ବୀ ହେବା ପାଇଁ ବୃକ୍ଷ ଚାଷ

**ଖ)	ସାମାଜିକ ଓ ମୌଳିକ ଆବଶ୍ୟକତା ପୂରଣ ସମ୍ବନ୍ଧୀୟ**

୧)	ଗ୍ରାମର ସାମାଜିକ, ଅର୍ଥନୈତିକ ଅବସ୍ଥା ଏବଂ ବିଭିନ୍ନ କାର୍ଯ୍ୟପାଇଁ ବ୍ୟୟଅଟକଳ ଉପରେ ଆଲୋଚନା

୨)	ଗ୍ରାମ ମଧ୍ୟରେ କିମ୍ବା ପଡୋଶୀ ଗ୍ରାମ ସହିତ କିମ୍ବା ଅନ୍ୟ ସଙ୍ଗଠନ ସହିତ ବିବାଦ ସମାଧାନ ପାଇଁ ବ୍ୟବସ୍ଥା ଓ ବିବାଦ ସମାଧାନରେ 'ବନ ସଂରକ୍ଷଣ ସମିତି'ର ଭୂମିକା

୩)	ସ୍ଥିର କରାଯାଇଥିବା ବିଭିନ୍ନ କାର୍ଯ୍ୟରେ ସମିତିର ସଂପୃକ୍ତି - ଯଥା - ଚାରା ଉତ୍ପାଦନ, ବନୀକରଣ, ଜଙ୍ଗଲରେ ନିଆଁ ନ ଲାଗିବା ବ୍ୟବସ୍ଥା, ଜଙ୍ଗଲ ଜମି ଜବରଦଖଲ ରୋକିବା, ବେନିୟମ ଗଛକଟା ଓ ପଶୁ ଶିକାର ରୋକିବା

୪)	ଜଙ୍ଗଲରୁ ଅମଳ ପଦ୍ଧତି ଓ ବଣ୍ଟନ ବ୍ୟବସ୍ଥା

**ଗ)	ବିକଳ୍ପ ଜୀବିକା ମାଧ୍ୟମରେ ଆୟ ବୃଦ୍ଧି**

୧)	ସଂଗୃହିତ ବନଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଜନିତ ପ୍ରକ୍ରିୟା କରଣ ବ୍ୟବସ୍ଥା ।

୨)	ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟବହାରକାରୀ ଗୋଷ୍ଠୀକୁ ପ୍ରୋତ୍ସାହନ । 'ବନ ସଂରକ୍ଷଣ ସମିତି' କାର୍ଯ୍ୟରେ ସେମାନଙ୍କ ସହଯୋଗ ।

୩)	ବିକଳ୍ପ ଜୀବିକା ନିର୍ବାହର ଉପାୟ ଚିହ୍ନଟ କରିବା ଓ ପ୍ରାଥମିକତା ନିର୍ଣ୍ଣୟ ।

୪)	ଅଗ୍ରାଧିକାର ଭିତ୍ତିରେ ପ୍ରାଥମିକ ସହଯୋଗ କାର୍ଯ୍ୟକ୍ରମ ସ୍ଥିର କରିବା ।

୫) ବିଶେଷ ଭାବେ ଗରୀବ, ଭୂମିହୀନ, ମହିଳା ଏବଂ ଜଙ୍ଗଲଜାତ ଦ୍ରବ୍ୟର କାରବାରରେ ସଂପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଅଧିକାର ଦେବା ।

୬) ଗ୍ରାମ୍ୟ ଜଙ୍ଗଲ ଉନ୍ନୟନ ପାଣ୍ଠି ଗଠନ କରିବା ।

**ଅଣୁଯୋଜନା ପ୍ରସ୍ତୁତିର ବିଭିନ୍ନ ପର୍ଯ୍ୟାୟ :**

କ) କାର୍ଯ୍ୟକାରୀ କମିଟି ଗଠନ

ଖ) ଗ୍ରାମବାସୀମାନଙ୍କ ସହିତ ଆଲୋଚନା ଓ ପର୍ଯ୍ୟାଲୋଚନା

ଗ) ଦଲିଲ ଯାଞ୍ଚ

ଘ) ଜଙ୍ଗଲ ପରିଦର୍ଶନ ଓ ତଥ୍ୟ ସଂଗ୍ରହ

ଙ) ତଥ୍ୟ ବିଶ୍ଳେଷଣ ଓ ଆଲୋଚନା

ଚ) ଯୋଜନା ପ୍ରସ୍ତୁତି

ଛ) ପରାମର୍ଶ, ଚୂଡ଼ାନ୍ତ ନିଷ୍ପତ୍ତି ଏବଂ ଅନୁମୋଦନ

**ଗ୍ରାମବାସୀଙ୍କ ସହିତ ଆଲୋଚନା**

'ବନ ସଂରକ୍ଷଣ ସମିତି' ଗଠନ କିମ୍ବା ପୁର୍ନବିନ୍ୟାସ ପରେ ଗ୍ରାମବାସୀଙ୍କ ସହ ଦୁଇ ତିନିଥର ଆଲୋଚନା କରାଯାଇ ସୁସମ୍ପର୍କ ସ୍ଥାପନ କରାଯିବ । ଅଣୁଯୋଜନା ପ୍ରସ୍ତୁତି ପୂର୍ବରୁ ସାଧାରଣ ପରିଷଦର ବୈଠକ ଡକାଯାଇ ସମିତି ସଭ୍ୟମାନଙ୍କୁ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଜଣାଇ ଦିଆଯିବ ଏବଂ ଯୋଜନା କାର୍ଯ୍ୟକାରିତାର ସବୁ ସ୍ତରରେ ସେମାନଙ୍କ ସହଯୋଗ ଲୋଡ଼ାଯିବ । ସେମାନଙ୍କ ସମସ୍ୟା, ସ୍ଥିତି ଏବଂ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା ପରେ ଗ୍ରାମର ଉନ୍ନତି ପାଇଁ ସୁହାଇଲାଭଳି କାର୍ଯ୍ୟକ୍ରମ ଚିନ୍ତା କରିବାକୁ ପରାମର୍ଶ ଦିଆଯିବ । ଲୋକଙ୍କ ସାଧାରଣ ସମସ୍ୟା, ଉଜୁଡ଼ି ଯାଇଥିବା ଜଙ୍ଗଲର ପରିମାଣ, ଜଙ୍ଗଲର ସୁରକ୍ଷା ବ୍ୟବସ୍ଥା, ଗୋଚାରଣ ଓ ଜଙ୍ଗଲ ନିଆଁ ରୋକିବା ପାଇଁ ପଦକ୍ଷେପ ନେବା, ବିକଳ୍ପ ଜୀବିକା ଉପାର୍ଜନ ଉପାୟ ଆଦି ବିଶଦଭାବେ ଆଲୋଚନା କରାଯିବ ।

**ଦଲିଲ ଯାଞ୍ଚ**

ପ୍ରକଳ୍ପ ଅନ୍ତର୍ଭୁକ୍ତ ପୁରୁଣା ବନ ସଂରକ୍ଷଣ ସମିତିର ପଞ୍ଜୀକରଣ, ସଭ୍ୟପଦ, ଜଙ୍ଗଲ ଅଞ୍ଚଳର ନକ୍ସା, ପୂର୍ବର ଅଣୁ ଯୋଜନା, ଯୋଜନା ରୂପାୟନର ସ୍ଥିତି, କାର୍ଯ୍ୟନିର୍ବାହୀ କମିଟିର ଟିକିନିଖି ବିବରଣୀ, ହାତକୁ ନିଆଯାଇଥିବା କାର୍ଯ୍ୟ, ବନଜାତ ଦ୍ରବ୍ୟର ସଂଗ୍ରହ ଆଦି ବିଷୟକୁ କାର୍ଯ୍ୟକାରୀ ଗୋଷ୍ଠୀ (Working Group) ଯାଞ୍ଚ କରିବେ । ସଭ୍ୟ ସଚିବ ଏସବୁ ନଥିପତ୍ର ମିଳିବାରେ ସାହାଯ୍ୟ କରିବେ ।

**ଜଙ୍ଗଲ ପରିଦର୍ଶନ ଓ ତଥ୍ୟ ସଂଗ୍ରହ**

ସଭ୍ୟ ସଚିବ ଜଙ୍ଗଲ ନକ୍ସା ଓ ଅନ୍ୟ କେତେକ ତଥ୍ୟ ଯୋଗାଇବେ । ସଭ୍ୟସଚିବ, ସ୍ୱେଚ୍ଛାସେବୀ ସଂସ୍ଥାର ଅଧିକାରୀ ଓ ଗ୍ରାମ୍ୟ ବନ ସହାୟକ ମିଶି ଜଙ୍ଗଲ ଅଞ୍ଚଳ ଭଲ ଭାବରେ ବୁଲି ଦେଖିବେ ଓ ଜମି, ଜଳସେଚନ, ମଞ୍ଜି ମିଳିବା, ଚାରାକେନ୍ଦ୍ରର କାର୍ଯ୍ୟକାରିତା ଆଦି ବିଷୟରେ ତଥ୍ୟ ସଂଗ୍ରହ କରିବେ । ବନ ସଂରକ୍ଷଣ ସମିତି ପାଇଁ ଥିବା ଜଙ୍ଗଲ ଅଞ୍ଚଳ, ଜମି ବ୍ୟବହାର, ଅତୀତ ଓ ବର୍ତ୍ତମାନର ଜଙ୍ଗଲ ସ୍ଥିତି, ମୃତ୍ତିକାର ଅବସ୍ଥା, ଜଳ ସଂରକ୍ଷଣ, ପରିବାର ସର୍ବେକ୍ଷଣ, ଗ୍ରାମବାସୀମାନଙ୍କ ଆର୍ଥିକ ସ୍ଥିତି ଓ ଦରିଦ୍ରତାର ସ୍ତର ଇତ୍ୟାଦି ବିଷୟ ମାନଙ୍କ ଉପରେ ମଧ ତଥ୍ୟ ସଂଗ୍ରହ କରାଯିବ । ଅନ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ବିଷୟରେ ସମିତିକୁ ତଥ୍ୟ ଦରକାର ପଡ଼ିଥାଏ ।

ତଥ୍ୟ ସଂଗ୍ରହ ପରେ ଏହା ଉପରେ ବିଶଦ ବିଶ୍ଳେଷଣ ଓ ଆଲୋଚନା କରି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ । ମୁଖ୍ୟତଃ ଚାରୋଟି ବିଷୟ ଯଥା - ଆବଶ୍ୟକତାର ପ୍ରାଧାନ୍ୟତା, ଜମିର ଉପଯୋଗିତା ଦୃଷ୍ଟିରୁ ବିଭାଗୀକରଣ, ବହୁଳ ଉତ୍ପାଦିତ ଦ୍ରବ୍ୟ ତାଲିକା, ସମ୍ବଳ ମୂତାବକ ଲୋକ ଚାହିଦା ପୂରଣ ଇତ୍ୟାଦିକୁ ପାଥେୟ କରି ତଥ୍ୟ ବିଶ୍ଳେଷଣ କରାଯିବା ଆବଶ୍ୟକ ।

## ଅଣୁଯୋଜନା ପ୍ରସ୍ତୁତି ପାଇଁ ସମୟ ନିର୍ଘଣ୍ଟ

ଅଣୁଯୋଜନା ପ୍ରସ୍ତୁତି ପ୍ରକ୍ରିୟା ମୁଖ୍ୟତଃ ବନ ସଂରକ୍ଷଣ ସମିତି ଦ୍ୱାରା ପରିଚାଳିତ ହେବ । ସ୍ୱେଚ୍ଛାସେବୀ ସଂଗଠନର ଅଧିକାରୀ, ବନ ବିଭାଗ କର୍ମଚାରୀ ଓ ଅନ୍ୟାନ୍ୟ ବୈଷୟିକ ଜ୍ଞାନଥିବା ବ୍ୟକ୍ତିବିଶେଷ ସେମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବେ । ଏଥିପାଇଁ ବନ ସଂରକ୍ଷଣ ସମିତିର ସାମର୍ଥ୍ୟ ଓ ଦକ୍ଷତା ବୃଦ୍ଧି ହେବା ଅତ୍ୟନ୍ତ ଜରୁରୀ । ଏହି ଦୃଷ୍ଟିରୁ ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟ ତିନିରୁ ପାଞ୍ଚମାସ ପର୍ଯ୍ୟନ୍ତ ସମୟ ଲାଗିବ । ଏଥିପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡ଼ିକ ପର୍ଯ୍ୟାୟକ୍ରମେ ଗ୍ରହଣ କରାଯିବ ।

୧) ଅଣୁଯୋଜନା ପାଇଁ କର୍ମଚାରୀମାନଙ୍କୁ ତାଲିମ (୪ ଦିନ)

୨) ବନ ସଂରକ୍ଷଣ ସମିତିର ସଭ୍ୟ, କାର୍ଯ୍ୟନିର୍ବାହୀ କମିଟିର ସଭ୍ୟ ଓ କାର୍ଯ୍ୟକାରୀ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ (୨ ଦିନ)

୩) ତଥ୍ୟସଂଗ୍ରହ, ସହଯୋଗ ମୂଳକ ଗ୍ରାମ୍ୟ ଅବଧାରଣା ଓ ଜଙ୍ଗଲ ପରିଦର୍ଶନ (୨୦ ଦିନ)

୪) ତଥ୍ୟ ବିଶ୍ଳେଷଣ (୫ ଦିନ)

୫) ଗ୍ରାମାଞ୍ଚଳ ବିକାଶ ଓ ଜଙ୍ଗଲ ଅଭିବୃଦ୍ଧି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ପରିଷଦରେ ଆଲୋଚନା (୧୦ ଦିନ)

୬) ଅଣୁଯୋଜନା ଚିଠା ପ୍ରସ୍ତୁତି (୧୫ ଦିନ)

୭) କ୍ଷେତ୍ର ପରିଚାଳନା ସଂସ୍ଥା, ଖଣ୍ଡୀୟ ପରିଚାଳନା ସଂସ୍ଥା ଓ ଅନ୍ୟାନ୍ୟ ବିଭାଗ ସହିତ ଆଲୋଚନା (୧୦ ଦିନ)

୮) ସଂଶୋଧନ ଓ ଅନୁମୋଦନ (୫ ଦିନ)

## ଅଣୁଯୋଜନା ପାଇଁ ଦକ୍ଷତା ବୃଦ୍ଧି

ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଜଙ୍ଗଲ ପରିଚାଳନା ଓ ପାରମ୍ପରିକ ବ୍ୟବହାର ସମ୍ବନ୍ଧୀୟ ବିଧିବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ରହିଛି । ସମୂହ ସମ୍ପତ୍ତିର ବିଧିସଙ୍ଗତ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ଅନୁଷ୍ଠାନ, ଗ୍ରାମବାସୀ, ବନ ସଂରକ୍ଷଣ ସମିତିର ସଭ୍ୟ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ପାଇଁ ଆବଶ୍ୟକ ତାଲିମ୍ ବ୍ୟବସ୍ଥା କରାଯିବ । ଜଙ୍ଗଲ ସମ୍ପଦର ଅଭିବୃଦ୍ଧି, ସେଥିରୁ ମିଳୁଥିବା ଦ୍ରବ୍ୟର ଉପଯୋଗ ଓ ଜୈବ ବିବିଧତାର ଉପକାରିତା ବିଷୟରେ ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରାଯିବ ।

## ଅଣୁଯୋଜନା ପ୍ରସ୍ତୁତିରେ ଅଂଶୀଦାର ମାନଙ୍କ ଭୂମିକା

### ବନ ସଂରକ୍ଷଣ ସମିତି କାର୍ଯ୍ୟକାରୀ ଗୋଷ୍ଠୀ

ବନ ସଂରକ୍ଷଣ ସମିତି, କାର୍ଯ୍ୟକାରୀ ଗୋଷ୍ଠୀ ଗ୍ରାମବାସୀମାନଙ୍କ ସହିତ ପରାମର୍ଶ କରି ବିଭିନ୍ନ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ମତାମତ ନେଇ, ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି, ଅଣୁଯୋଜନା ଚିଠା ପ୍ରସ୍ତୁତ କରିବେ ।

ବନ ସଂରକ୍ଷଣ ସମିତିର ସଭାପତି, ସଭ୍ୟସଚିବ, ବନରକ୍ଷୀ, ଗ୍ରାମ୍ୟ ବନ ସହାୟକ, ଶିକ୍ଷକ, ୪ ଜଣ ବନ ସଂରକ୍ଷଣ ସମିତି ସଭ୍ୟ (୨ ଜଣ ମହିଳା) ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିଙ୍କୁ ନେଇ ଅଣୁଯୋଜନା କାର୍ଯ୍ୟକାରୀ ଗୋଷ୍ଠୀ ଗଠିତ ହେବ । ସଭ୍ୟସଚିବ ବୈଠକ ଡାକିବା ସହିତ ସମସ୍ତ ଅଂଶୀଦାର ସହିତ ଯୋଗସୂତ୍ର ରକ୍ଷା କରି ଠିକ୍ ସମୟରେ ଅଣୁଯୋଜନା ପ୍ରସ୍ତୁତିରେ ସହଯୋଗ କରିବେ । ଜଙ୍ଗଲ ଉପରେ ନିର୍ଭରଶୀଳ ଶ୍ରେଣୀ, ଅଭିଜ୍ଞ କୃଷକ, ପାରମ୍ପରିକ ଜଡ଼ିବୁଟି ବୈଦ୍ୟ, ମହିଳା, ଭୂମିହୀନମାନଙ୍କ ସହିତ ପରାମର୍ଶ କରି କାର୍ଯ୍ୟକାରୀ ଗୋଷ୍ଠୀ ଅଣୁଯୋଜନା ଚିଠା ପ୍ରସ୍ତୁତ କରିବେ । ଅଣୁଯୋଜନା ପ୍ରସ୍ତୁତିର ପ୍ରଗତି ବିଷୟରେ ସଭ୍ୟ ସଚିବ କ୍ଷେତ୍ର ପରିଚାଳନା ୟୁନିଟ୍‌କୁ ଜଣାଇବେ ।

### ସ୍ୱେଚ୍ଛାସେବୀ ସଂଗଠନ

ସ୍ୱେଚ୍ଛାସେବୀ ପ୍ରତିନିଧିମାନେ ଗ୍ରାମବାସୀମାନଙ୍କୁ ପ୍ରକଳ୍ପର ଆଭିମୁଖ୍ୟ ସମ୍ବନ୍ଧରେ ସଚେତନ କରିବା ସହିତ ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କୁ ଅଣୁଯୋଜନା ପ୍ରସ୍ତୁତି ଉପରେ ତାଲିମ ଦେବେ । ସାମାଜିକ, ଅର୍ଥନୈତିକ ତଥ୍ୟ ସଂଗ୍ରହରେ ସ୍ୱେଚ୍ଛାସେବୀମାନେ ସମିତିର ସଭ୍ୟଙ୍କୁ ସହଯୋଗ କରିବେ । ବିଭିନ୍ନ ସମସ୍ୟା ଉପରେ ଧାରଣା ଦେବା ଓ ସେଗୁଡ଼ିକର ସମାଧାନ ଉପାୟ ଖୋଜି ବାହାର କରିବାରେ ସେମାନେ ସମିତିର ସଭ୍ୟ ଓ ଲୋକଙ୍କୁ ସାହାଯ୍ୟ କରିବେ । ଅଣୁଯୋଜନାଟିକୁ କାର୍ଯ୍ୟକାରୀ ଗୋଷ୍ଠୀର ବିଚାର କ୍ରମେ ଲେଖିବାରେ ସାହାଯ୍ୟ କରିବେ ।

### ଗ୍ରାମ୍ୟ ବନ ସହାୟକ

ଗ୍ରାମର ସମ୍ବଳ ସମ୍ପର୍କିତ ଆବଶ୍ୟକ ତଥ୍ୟ ସଂଗ୍ରହ ସହିତ ଅଣୁଯୋଜନା ବୈଠକରେ ଯୋଗଦେବା ପାଇଁ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇବେ । ବିଜ୍ଞାପନ ବିତରଣ ଠାରୁ ଆରମ୍ଭ କରି ବୈଠକ ଆୟୋଜନ, ଶ୍ରମଦାନ କରିବା ଆଦି କାର୍ଯ୍ୟରେ ଗ୍ରାମ୍ୟ ବନ ସହାୟକ ସହଯୋଗ କରିବେ । ଗ୍ରାମବାସୀଙ୍କ ମତାମତକୁ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଜଣାଇବା ଓ ସଭ୍ୟ ସଚିବଙ୍କୁ ଅଣୁଯୋଜନା ଚିଠା ପ୍ରସ୍ତାବ ଲେଖିବାରେ ସହଯୋଗ କରିବେ ।

### ସଭ୍ୟସଚିବ

ସଭ୍ୟସଚିବ ଗ୍ରାମ ଜଙ୍ଗଲ ଓ ତତ୍‌ସମ୍ବନ୍ଧୀୟ ସମସ୍ତ ରେକର୍ଡ଼ ପ୍ରସ୍ତୁତ କରି ଆଲୋଚନା ପାଇଁ ରଖିବେ । ଅନ୍ୟାନ୍ୟ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ଆମନ୍ତ୍ରଣ କରି କାର୍ଯ୍ୟକାରୀ ହେଉଥିବା ଯୋଜନାରେ ସେମାନଙ୍କର ସହଯୋଗ ସମ୍ପର୍କରେ ଆଲୋଚନା କରିବେ । ଅଣୁଯୋଜନା ଚିଠା ପ୍ରସ୍ତାବ ଲେଖିବା ଛଡ଼ା କାର୍ଯ୍ୟନିର୍ବାହୀ କମିଟି ଓ ସଭ୍ୟମାନଙ୍କୁ ଚିଠା ପ୍ରସ୍ତାବର ନକଲ ଯାଞ୍ଚ ପାଇଁ ଦେବେ । ରେଞ୍ଜ ଅଫିସର, ଏ.ସି.ଏଫ୍. ଏବଂ ଡି.ଏଫ୍.ଓ.ଙ୍କ ମତାମତ ଓ ପରାମର୍ଶ ଲୋଡ଼ିବେ । ସେ ସାଧାରଣ ପରିଷଦ ବୈଠକର ବ୍ୟବସ୍ଥା କରି କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟଙ୍କ ଦ୍ୱାରା ଅଣୁଯୋଜନାର ସମୀକ୍ଷା କରାଇ ଚିଠା ଅନୁମୋଦନ ପାଇଁ ଆବଶ୍ୟକ କାର୍ଯ୍ୟ କରିବେ ।

### ଅନୁମୋଦନ

ଅଣୁଯୋଜନା ଚିଠାର ନକଲ କାର୍ଯ୍ୟନିର୍ବାହୀ କମିଟି ଓ ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କୁ ସେମାନଙ୍କର ପରାମର୍ଶ ଓ ମତାମତ ପାଇଁ ଦିଆଯିବ । ସେମାନଙ୍କର ମତାମତକୁ ବିଚାରକୁ ନେଇ ଅଣୁଯୋଜନା ଚିଠାରେ ଆବଶ୍ୟକ ପରିବର୍ତ୍ତନ କରାଯିବ । ଏହି ଚିଠାକୁ ସାଧାରଣ ପରିଷଦର ଏକ ସ୍ୱତନ୍ତ୍ର ବୈଠକରେ ଆଲୋଚନା ଓ ସମୀକ୍ଷା ପାଇଁ ଉପସ୍ଥାପନ କରାଯିବ । ସାଧାରଣ ପରିଷଦ ଏହାର ଅନୁମୋଦନ କଲାପରେ ଓ ବନ ସଂରକ୍ଷଣ ସମିତିର ସଭାପତି ଦସ୍ତଖତ କଲାପରେ ସଭ୍ୟ ସଚିବ ଚିଠା ଅଣୁଯୋଜନାକୁ କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟଙ୍କ ନିକଟକୁ ପ୍ରେରଣ କରିବେ । କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ ଏହି ଚିଠା ପ୍ରସ୍ତାବକୁ ବୈଷୟିକ, ସାମାଜିକ ଦୃଷ୍ଟିରୁ ସମୀକ୍ଷା କରି ଅଣୁଯୋଜନାକୁ ଅନୁମୋଦନ କରିବେ ।

ଅନୁମୋଦିତ ଅଣୁଯୋଜନାର ୪ ଗୋଟି ନକଲ କରାଯାଇ, ବନ ସଂରକ୍ଷଣ ସମିତି, ସଭ୍ୟସଚିବ, କ୍ଷେତ୍ରପରିଚାଳନା ସଂସ୍ଥା ଓ ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କୁ ଯୋଗାଇ ଦିଆଯିବ ।

### ସଂଶୋଧନ

ଅଣୁଯୋଜନାକୁ ଅଧିକ କ୍ରୀୟାଶୀଳ କରିବା ପାଇଁ ପ୍ରତିବର୍ଷ ସାଧାରଣ ପରିଷଦର ବୈଠକ ଡକାଯାଇ ଏହାର କାର୍ଯ୍ୟକାରିତାକୁ ନେଇ ଆଲୋଚନା ହେବ । ଯଦି ଅଧିକାଂଶ ସଭ୍ୟ ଯୋଜନାର ସଂଶୋଧନ ପାଇଁ ଅନୁଭବ କରନ୍ତି ତେବେ ସାଧାରଣ ପରିଷଦ ଆବଶ୍ୟକ ସଂଶୋଧନ ପାଇଁ ନିଷ୍ପତ୍ତି ନେବେ । ସଭ୍ୟସଚିବ ପରିବର୍ତ୍ତନ ହେବାକୁ ଥିବା ବିଷୟ ଓ ଏହାର ଯଥାର୍ଥତା ନଥିଭୁକ୍ତ କରି କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟଙ୍କୁ ଜଣାଇବେ । କ୍ଷେତ୍ର ପରିଚାଳନା ସଂସ୍ଥା ସଂଶୋଧନ ପାଇଁ ଅନୁମୋଦନ କରିବେ ।

# ଚତୁର୍ଥ ଭାଗ

# ସ୍ୱୟଂ ସହାୟକ ଗୋଷ୍ଠୀ ଓ ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ

ପରସ୍ପର ସହାୟତାରେ ସାମାଜିକ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବା ପାଇଁ ୧୦-୨୦ ଜଣ ସଭ୍ୟଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥାଏ । ଏମାନେ ସ୍ୱଳ୍ପ ପରିମାଣର ଋଣ ନେଇ ଏକାଠି କାମ କରି ନିଜେ ନିଜକୁ ଆର୍ଥିକ ସ୍ୱଚ୍ଛଳତା ଦିଗରେ ଆଗେଇ ନେବାରେ ସାହାଯ୍ୟ କରନ୍ତି । ପ୍ରଶିକ୍ଷଣ, ସୂଚନା ଓ ପାରସ୍ପରିକ ସାହାଯ୍ୟ ଦ୍ୱାରା ସେମାନଙ୍କର ରୋଜଗାର କ୍ଷମତା ବୃଦ୍ଧି ହୋଇଥାଏ ।

ଜଙ୍ଗଲ ନିକଟବର୍ତ୍ତି ଅଞ୍ଚଳରେ ସ୍ତ୍ରୀଲୋକମାନେ ପରିବାରର ରୋଜଗାର ପାଇଁ ଯଥେଷ୍ଟ ସାହାଯ୍ୟ କରିଥାନ୍ତି । ସେମାନେ ଜଙ୍ଗଲର ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରି ନିଜ ବ୍ୟବହାରରେ ଲାଗାଇବା ସଙ୍ଗେ ସଙ୍ଗେ ବଜାରରେ ବିକ୍ରୟ କରି ଅର୍ଥ ଉପାର୍ଜନ କରିଥାନ୍ତି । ତେଣୁ ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇ ମହିଳା ମାନଙ୍କୁ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଓ ବଜାର ବିଷୟରେ ସୂଚନା ଦିଆଯାଇ ପାରିବ ।

### ପ୍ରକଳ୍ପରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଭୂମିକା

ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସଂଗଠିତ କରି ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାର ମାନଙ୍କ ପାଇଁ ବିକଳ୍ପ ଜୀବିକା ନିର୍ବାହ ପଦ୍ଧତି ଅବଲମ୍ବନ କରାଯାଇ ପାରିବ ଯଦ୍ୱାରା ସେମାନେ କର୍ମସଂସ୍ଥାନ ପାଇପାରିବେ । ବନ ସଂରକ୍ଷଣ ସମିତି ଗୁଡ଼ିକ ଏ ଦିଗରେ ଆର୍ଥିକ ସହାୟତା ଯୋଗାଇ ଦେବେ । ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ଓ ଗରିବ ସ୍ତ୍ରୀଲୋକମାନେ ବନ ସଂରକ୍ଷଣ ସମିତି ସଭା ଗୁଡ଼ିକରେ ଉପସ୍ଥିତ ରହି ସମିତିର କାର୍ଯ୍ୟକ୍ରମ ସଂପର୍କିତ ନିଷ୍ପତ୍ତି ନେବାରେ ସହାୟତା କରିବେ ।

### ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ଦେଶ୍ୟ

୧) ସଭ୍ୟମାନଙ୍କ ମଧ୍ୟରେ ସଞ୍ଚୟ କରିବାର ଆଗ୍ରହ ବଢ଼ାଏ ।

୨) ସ୍ୱଳ୍ପ ଋଣ ନେଇ ସେମାନଙ୍କ ଅଞ୍ଚଳରେ ମିଳୁଥିବା ଜିନିଷରୁ ବିଭିନ୍ନ ପ୍ରକାରର ମୂଲ୍ୟବୃଦ୍ଧିଯୁକ୍ତ ପଦାର୍ଥ ପ୍ରସ୍ତୁତ କରି ବଜାରରେ ବିକ୍ରୟ କରାଯାଏ ।

୩) ସଭ୍ୟମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆଣିବାରେ ସହାୟକ ହୁଏ ।

୪) ସେମାନଙ୍କ ପରିବାରର ମୌଳିକ ଆବଶ୍ୟକତା ମେଣ୍ଟାଇବା ପାଇଁ ବିକଳ୍ପ ଆୟ ପନ୍ଥା ସୃଷ୍ଟି କରାଇ ଥାଏ ।

୫) ସଭ୍ୟମାନେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ସହିତ ବନ ସଂରକ୍ଷଣ ପାଇଁ ସହାୟତା କରିଥାନ୍ତି ।

### ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନଙ୍କର ଯୋଗ୍ୟତା

ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀରେ ୧୦ ରୁ ୨୦ ଜଣ ସଭ୍ୟ ରହନ୍ତି । ସେମାନେ ନିଜର ରୋଜଗାର ବୃଦ୍ଧି ସାଧାରଣ କାମ ପାଇଁ ଆଗ୍ରହୀ ହେବା ଦରକାର । ବନଜାତ ଦ୍ରବ୍ୟ ସଂଗ୍ରହ ଓ ସଦୁପଯୋଗ ତଥା ତହିଁରୁ କିପରି ଆର୍ଥୀକ ଅଭିବୃଦ୍ଧି କରାଯାଇ ପାରିବ ତତ୍ ସଂପର୍କରେ ସଚେତନ ଥିବା ଉଚିତ । ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କର ଅଲଗା ଗୋଷ୍ଠୀ ହେବା ଉଚିତ । କିନ୍ତୁ ଛୋଟ ଛୋଟ ଗ୍ରାମ ଗୁଡ଼ିକରେ ମିଳିତ ଗୋଷ୍ଠୀ ମଧ୍ୟ କରାଯାଇ ପାରିବ । ଜନସଂଖ୍ୟା ବେଶୀ ଥିଲେ ଏକାଧିକ ଗୋଷ୍ଠୀ ମଧ୍ୟ ଗଠନ କରାଯାଇ ପାରେ ।

### ପ୍ରକଳ୍ପ ସହାୟତା ପାଇଁ ମାନଦଣ୍ଡ

୧) ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ବନ ସଂରକ୍ଷଣ ସମିତିର ସଭ୍ୟ ହୋଇଥିବେ ।

୨) ଗରିବ ପରିବାରର ହୋଇଥିବେ (ବି.ପି.ଏଲ୍. ହିତାଧିକାରୀ ଯାହାର ବାର୍ଷିକ ଆୟ ଟ.୧୧,୦୦୦/-ରୁ କମ୍) ଓ ଧନ ଅର୍ଜନ ପାଇଁ ଆଗ୍ରହୀ ଥିବେ ।

୩) ଉକ୍ତ ଅଞ୍ଚଳର ଜଣେ ସ୍ଥାୟୀ ବାସିନ୍ଦା ହୋଇଥିବେ ।

୪) ସଭ୍ୟମାନଙ୍କ ମଧ୍ୟରେ ସାମାଜିକ ଓ ଆର୍ଥିକ ସ୍ତରରେ ଭିନ୍ନତା ନରହିବା ଉଚିତ୍ ।

୫) ସେମାନଙ୍କର ବୟସ ୧୮ ରୁ ୬୦ ମଧ୍ୟରେ ହୋଇଥିବ । କିନ୍ତୁ ପରିପାରର ଦାୟିତ୍ୱ ବହନ କରୁଥିବା ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି ମଧ୍ୟ ସଦସ୍ୟ ହୋଇପାରିବେ ।

୬) ଜଣେ ବ୍ୟକ୍ତି ଏକାଧିକ ଗୋଷ୍ଠୀର ସଭ୍ୟ ହୋଇପାରିବେ ନାହିଁ ।

୭) ସଭ୍ୟମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିବା ଆବଶ୍ୟକ ।

୮) ଅସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବ୍ୟକ୍ତିଙ୍କୁ ଗ୍ରହଣ କରାଯିବା ଉଚିତ ନୁହେଁ ।

୯) ଗୋଷ୍ଠୀରେ ଅତି କମ୍‌ରେ ୧୦ ଓ ସର୍ବାଧିକ ୨୦ ଜଣ ପର୍ଯ୍ୟନ୍ତ ସଭ୍ୟ ରହିପାରିବେ ।

## ପୁରୁଣା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଚୟନ

ଯଦି ଗୋଟିଏ ଗ୍ରାମରେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଥାଏ ତେବେ ବନ ସଂରକ୍ଷଣ ସମିତି ସେମାନଙ୍କର ପ୍ରକଳ୍ପ ଦ୍ୱାରା ନିର୍ଦ୍ଧାରିତ ଚୟନ ପ୍ରକ୍ରିୟାରେ ଅଗ୍ରାଧିକାର ଭିତ୍ତିରେ ଉପଯୁକ୍ତ ଗୋଷ୍ଠୀକୁ ଠିକଣା କରିବେ ।

## ନୂଆ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ

ଆବଶ୍ୟକସ୍ଥଳେ ସ୍ୱେଚ୍ଛାସେବୀ ସଂଗଠନ, କ୍ଷେତ୍ର ପରିଚାଳନା ସଂସ୍ଥା ଓ ବନ ସଂରକ୍ଷଣ ସମିତିର କାର୍ଯ୍ୟକାରୀ କମିଟି ସହାୟତାରେ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯିବ । ଗୋଷ୍ଠୀର ସମସ୍ତ ସଭ୍ୟ ଉପଯୁକ୍ତ ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ । ବନ ସଂରକ୍ଷଣ ସମିତି ଏହି ସମସ୍ତ ପରିବାର ଗୁଡ଼ିକୁ ଚିହ୍ନଟ କରି ସଭ୍ୟ ଚୟନ କରିବେ । ସ୍ୱେଚ୍ଛାସେବୀ ସଂଗଠନ ସଭ୍ୟମାନଙ୍କୁ ଗୋଷ୍ଠୀ ଗଠନର ଉଦ୍ଦେଶ୍ୟ ବୁଝାଇବେ ।

ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ତତଃ ଜଣେ ସଭ୍ୟଙ୍କୁ ବନ ସଂରକ୍ଷଣ ସମିତିର କାର୍ଯ୍ୟକାରୀ କମିଟିରେ ନିଆଯିବ ।

## ସଭ୍ୟ ପଦ ରଦ୍ଦ ହେବା ସର୍ତ୍ତାବଳୀ

ନିମ୍ନ ବ୍ୟବସ୍ଥା ଦ୍ୱାରା ସଭ୍ୟପଦ ରଦ୍ଦ ହୋଇପାରିବ :

୧) ସ୍ୱୟଂ ସହାୟକ ଗୋଷ୍ଠୀର କୌଣସି ସଭ୍ୟ ଯଦି ୬ ମାସ ମଧ୍ୟରେ ଋଣ ପରିଶୋଧ କରିବାକୁ ଅକ୍ଷମ ହେବେ ।

୨) ଉପଯୁକ୍ତ କାରଣ ନଥାଇ ୩ ମାସ ଧରି ଯଦି ଗୋଷ୍ଠୀ ସଭାରେ ଅନୁପସ୍ଥିତ ରହିବେ ।

୩) ଯଦି ୩ ମାସ ପର୍ଯ୍ୟନ୍ତ ବାଧ୍ୟତା ମୂଳକ ସଂଚୟ ଜମା ଭରଣ ନ କରିବେ ।

୪) ଯଦି କୌଣସି ଜଙ୍ଗଲ ନଷ୍ଟ କରିବା ପ୍ରକ୍ରିୟାସହ ଜଡ଼ିତ ଥିବେ ।

୫) ଜଙ୍ଗଲ ନିୟମାବଳୀକୁ ଅବମାନନା କରୁଥିବେ ।

ସେହି ସଭ୍ୟଙ୍କର ଜମାକୁ ବିନା ସୁଧରେ ଗୋଷ୍ଠୀ ତରଫରୁ ଫେରାଇ ଦିଆଯିବ । ତା ପରେ ଗୋଷ୍ଠୀର ଆୟ ଉପରେ ଉକ୍ତ ସଭ୍ୟଙ୍କର ଅଧିକାର ରହିବ ନାହିଁ । ଉକ୍ତ ସଭ୍ୟଙ୍କୁ ଦିଆଯାଇଥିବା ଋଣକୁ ଆଦାୟ କରିବା ପାଇଁ ସଂଗଠିତ ଉଦ୍ୟମ କରାଯିବ ।

## ସ୍ୱୟଂ ସହାୟକ ଗୋଷ୍ଠୀର ପରିଚାଳକ ଓ କର୍ମକର୍ତ୍ତା

ଗୋଷ୍ଠୀର ଜଣେ ସଭାପତି, ଜେଣ ଉପସଭାପତି, ସଂପାଦକ ଓ କୋଷାଧ୍ୟକ୍ଷ ରହିବେ ।

## କର୍ମଚାରୀ ଚୟନ ଓ ପରିବର୍ତ୍ତନ ନିୟମାବଳୀ

ସଭ୍ୟମାନେ ଗୋଷ୍ଠୀ ଗଠନର ଉଦ୍ଦେଶ୍ୟ, କାର୍ଯ୍ୟାବଳୀ ଓ ଦାୟିତ୍ୱ ବିଷୟରେ ଜାଣିବା ପରେ ଗୋଷ୍ଠୀ ପରିଚାଳନା ସମିତିକୁ ମନୋନୀତ ହେବେ । ନେତୃତ୍ୱ ନେବା ପାଇଁ ଆବଶ୍ୟକ ଅଭିଜ୍ଞତା ନଥିଲେ ସେମାନଙ୍କୁ ଅସ୍ଥାୟୀ ଭାବେ ମନୋନୟନ କରାଯିବ ।

## ଚୟନ ନିୟମାବଳୀ

୧) ସଭ୍ୟମାନଙ୍କ ଦ୍ୱାରା ଗୋଷ୍ଠୀ ପରିଚାଳନା ପାଇଁ କର୍ମକର୍ତ୍ତା ଚୟନ କରାଯିବ । ଆଲୋଚନା ମାଧ୍ୟମରେ କର୍ମକର୍ତ୍ତା ଚୟନ ନ ହୋଇ ପାରିଲେ ନିର୍ବାଚନ ଦ୍ୱାରା କରାଯିବ । ନିର୍ବାଚନ ସମୟରେ ସମସ୍ତ ସଭ୍ୟ ଉପସ୍ଥିତ ରହିବା ଆବଶ୍ୟକ ।

୨) ପ୍ରତ୍ୟେକ ବର୍ଷ ନେତୃତ୍ୱ ପରିବର୍ତ୍ତନ କରାଯିବା ଦରକାର । କିନ୍ତୁ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷାକରିବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କର ପରିବର୍ତ୍ତନ କରାନଯାଇ ପର୍ଯ୍ୟାୟକ୍ରମେ ଗୋଟିଏ ବା ଦୁଇଟି କର୍ମକର୍ତ୍ତାଙ୍କର ପରିବର୍ତ୍ତନ କରାଯିବ ।

୩) ପୁରୁଣା କର୍ମକର୍ତ୍ତାମାନେ ନୂଆ କର୍ମକର୍ତ୍ତାଙ୍କୁ ୨/୩ ମାସ ପର୍ଯ୍ୟନ୍ତ ସବୁକାର୍ଯ୍ୟ ଶିଖାଇବେ ।

୪) କର୍ମକର୍ତ୍ତା ପରିବର୍ତ୍ତନ ସମୟରେ ଗୋଷ୍ଠୀର ହିସାବ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ ।

୫) କୌଣସି କର୍ମକର୍ତ୍ତାଙ୍କୁ ନିଯୁକ୍ତି ବା ବହିଷ୍କାର କରାଯିବା ନିମନ୍ତେ ଦୁଇ-ତୃତିୟାଂଶ ସଭ୍ୟଙ୍କ ମତଦାନ ଆବଶ୍ୟକ ।

## କର୍ମକର୍ତ୍ତାମାନଙ୍କର ଭୂମିକା ଓ ଦାୟିତ୍ୱ

| **କାର୍ଯ୍ୟଭାର** | **ଦାୟିତ୍ୱ** |
|---|---|
| ସଭାପତି | ନିୟମିତ ସଭା ପରିଚାଳନା କରିବା ଓ ସହମତିକ୍ରମେ ନିଷ୍ପତ୍ତି ନେବା ।<br>ନିଷ୍ପତ୍ତି ଓ ରିଜୋଲ୍ୟୁସନ୍ ଅନୁମୋଦନ କରିବା ।<br>ନୂଆ ସଭ୍ୟଗ୍ରହଣ ଓ ବିଦାୟୀ ସଭ୍ୟଙ୍କ ଉପରେ ନିଷ୍ପତ୍ତିରେ ସହାୟତା ।<br>ସଭ୍ୟମାନଙ୍କୁ ସଂପୂର୍ଣ୍ଣ ଋଣ ପରିଶୋଧ କରିବା ପାଇଁ ପ୍ରବର୍ତ୍ତାଇବା ।<br>ଋଣ ପରିଶୋଧରେ ସହାୟତା ।<br>ଅନ୍ୟ କର୍ମକର୍ତ୍ତାଙ୍କ ସହାୟତାରେ ଗୋଷ୍ଠୀର ସମସ୍ୟା ସମାଧାନ କରିବା ।<br>ସଂପାଦକ ଓ କୋଷାଧ୍ୟକ୍ଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ।<br>ଗୋଷ୍ଠୀର ଆୟବ୍ୟୟର ଯାଞ୍ଚ୍ କରିବା ।<br>ବ୍ୟାଙ୍କରୁ ଅର୍ଥ ଉଠାଣ ପାଇଁ ଯୌଥ ଦାୟିତ୍ୱ ।<br>ଗୋଷ୍ଠୀ ଉନ୍ନୟନ ଦିଗରେ ଧ୍ୟାନ ।<br>ଜୀବିକା ନିର୍ବାହ ପାଇଁ ଋଣ ଯୋଗାଣ ।<br>ଗୋଷ୍ଠୀ ତରଫରୁ ପ୍ରତିନିଧିତ୍ୱ କରିବା । |
| ଉପସଭାପତି | ସଭାପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟନିର୍ବାହ କରିବା ।<br>ସଂଘସ୍ତରୀୟ ପ୍ରତିନିଧିତ୍ୱ କରିବା ।<br>ନିୟମିତ ଭାବେ ଗୋଷ୍ଠୀ ସଭାରେ ଉପସ୍ଥିତ ରହିବା । |
| ସଂପାଦକ | ବୈଠକ ଆୟୋଜନ କରିବା ।<br>ବୈଠକର କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଓ ନିଷ୍ପତ୍ତି ଗୁଡ଼ିକୁ ଲିପିବଦ୍ଧ କରିବ ।<br>ପ୍ରକଳ୍ପ କର୍ମଚାରୀଙ୍କ ଅନୁପସ୍ଥିତିରେ ବୈଠକ ପରିଚାଳନା କରିବା ।<br>ସମସ୍ତ ହିସାବ ଓ ଆଲୋଚ୍ୟ ବିଷୟ ସଭ୍ୟଙ୍କୁ ଅବଗତ କରାଇବା । |

| | |
|---|---|
| | ଗୋଷ୍ଠୀର ଆର୍ଥିକ ବିବରଣୀ ସଭ୍ୟମାନଙ୍କୁ ଅବଗତ କରାଇବା । |
| | ବ୍ୟାଙ୍କ ବା ଡାକଘର ଜମା ଖାତା ପାଇଁ ସଭାପତିଙ୍କ ସହିତ ଯୁଗ୍ମ ଦାୟିତ୍ୱ ନେବା । |
| କୋଷାଧ୍ୟକ୍ଷ | ସମସ୍ତ ହିସାବ ରଖିବା । |
| | ହିସାବ ଖାତାରେ ସଭାପତି ବା ସଂପାଦକଙ୍କ ସହାୟତା ନେଇ ଠିକ୍ ଭାବେ ସମସ୍ତ ହିସାବ ରଖିବା । |
| | ବ୍ୟାଙ୍କରେ ଟଙ୍କା ପଇଠ ଓ ଉଠାଣ କରିବା । |
| | ଋଣ ବଣ୍ଟନ ଓ ପଇଠ ଅର୍ଥ ଗ୍ରହଣ କରିବା । |
| | ସଭ୍ୟମାନଙ୍କୁ ସବୁ ବୈଠକରେ ଜମା ସଂପର୍କରେ ଅବଗତ କରାଇବା । |
| | ବ୍ୟାଙ୍କ ବା ଡାକଘର ଜମା ଖାତାରେ ଜଣେ ଦସ୍ତଖତକାରୀ ହେବା । |
| | ଆୟବ୍ୟୟ ସମୀକ୍ଷା ବେଳେ ସାହାଯ୍ୟ କରିବା । |
| | ଗୋଷ୍ଠୀ ସ୍ତରୀୟ ଜମାଖାତା, ଦଲିଲ ଓ କାଗଜାତ ଆଦିର ଦାୟିତ୍ୱ ନେବା । |
| ସଭ୍ୟ | ବନ ସଂରକ୍ଷଣ ସମିତି ବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ଆୟୋଜିତ ସଭାରେ ଭାଗନେବା । |
| | ନିଜର ଜମାଗୁଡ଼ିକ ନିୟମିତ ପଇଠ କରିବା । |
| | ଗୋଷ୍ଠୀର ସମସ୍ତ ନିୟମ କାର୍ଯ୍ୟକାରୀ କରିବା । |
| | ଗୋଷ୍ଠୀର ସମସ୍ତ କାର୍ଯ୍ୟକ୍ରମରେ ଭାଗନେବା । |
| | ସମସ୍ତଙ୍କ ସହ ମିଳିମିଶି କାମ କରିବା । |

## ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟରେ ବନ ସଂରକ୍ଷଣ ସମିତିର ସହାୟତା

ପ୍ରକଳ୍ପର ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମୁଖ୍ୟ ଭୂମିକା ଗ୍ରହଣ କରିବ । ବନ ସଂରକ୍ଷଣ ସମିତି ଏଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେବେ ।

୧) ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ନିୟମିତ ବୈଠକ କରିବା ଓ ସଭାବହି, ବ୍ୟାଙ୍କ ବହି ଆଦି କାଗଜାତ ସଠିକ ଭାବରେ ରକ୍ଷଣାବେକ୍ଷଣ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନର ଅଧିକାରୀ ସହାୟତା ଯୋଗାଇଦେବେ ।

୨) ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ସୁଧର ହାର ଓ ଋଣ ଆଦାୟ କିସ୍ତି ଓ ଋଣ ଖିଲାପକାରୀଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ସ୍ଥିର କରିବେ ।

୩) ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ବ୍ୟାଙ୍କରେ ଜମାଖାତା ଖୋଲିବେ । ବ୍ୟାଙ୍କ ଜମା ପରିଚାଳନା କରିବାରେ ସ୍ୱେଚ୍ଛାସେବୀ ସଂଗଠନମାନେ ସହାୟତା କରିବେ ।

୪) ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ବନ ସଂରକ୍ଷଣ ସମିତି ଠାରୁ ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ପାଇଁ ଋଣ ନେଇ ପାରିବେ । ଏଥିପାଇଁ ସମିତି ସହ ଏକ ରାଜିନାମା ସ୍ୱାକ୍ଷର କରିବେ ।

୫) ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ନେବା କ୍ଷେତ୍ରରେ ବନ ସଂରକ୍ଷଣ ସମିତିର ସମସ୍ତ ନିୟମ ମାନିବେ ।

୬) ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ କେଉଁ ସଭ୍ୟ କେତେ ଋଣ ନେବାକୁ ହକଦାର ତାହା ବନ ସଂରକ୍ଷଣ ସମିତିକୁ ଜଣାଇବେ । ବନ ସଂରକ୍ଷଣ ସମିତି ଏହାକୁ ବିଚାର କରି ଏକ ତାଲିକା ପ୍ରସ୍ତୁତ କରିବେ ।

୭) ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟାବଳୀ ଓ ଋଣ ପରିଶୋଧ ବିଷୟକୁ ବିଚାରକୁ ନେଇ ବନ ସଂରକ୍ଷଣ ସମିତି ଆବଶ୍ୟକତା ଅନୁସାରେ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବେ ।

## ପରିଚାଳନା ନିୟମାବଳୀ

ସ୍ୱୟଂ ସହାୟକ ଗୋଷ୍ଠୀର ନିଜସ୍ୱ ନିୟମ ରହିବ ଓ ଏହାସବୁ ସଭ୍ୟ ପାଳନ କରିବେ । ପ୍ରତ୍ୟେକ ମାସିକ ଦେୟ ପଇଠ କରିବେ ଓ ଅତି କମ୍‌ରେ ମାସିକ ଦେୟ ଟ୫/- ରହିବ ।

ସଭ୍ୟମାନେ ନିୟମିତ ଜମା କରିବେ, ଋଣରୁ ଆସୁଥିବା ସୁଧ ଗୋଷ୍ଠୀର ଆୟବୃଦ୍ଧିରେ ସହାୟକ ହେବ ଓ ବଳକା ପଇସା ଅସୁବିଧା ବେଳେ କାମରେ ଲାଗିବ ।

## ସଂଚୟ ନୀତି

୧) ସ୍ୱୟଂ ସହାୟକ ଗୋଷ୍ଠୀରେ ସଞ୍ଚୟ ପାଇଁ ଜମାଦେବା ସଭ୍ୟମାନଙ୍କର ଇଚ୍ଛାଧୀନ ଅଟେ । ଏହି ଅର୍ଥ ଗୋଷ୍ଠୀ ତରଫରୁ ଆଦାୟ କରାଯାଇ ଗୋଷ୍ଠୀ ଜମାଖାତାରେ ରହିବ ।

୨) ସଭ୍ୟମାନଙ୍କୁ ସଞ୍ଚୟ ଉପରେ କୌଣସି ସୁଧ ଦିଆଯିବ ନାହିଁ ।

୩) କୋଷାଧକ୍ଷ ସଭା ସମୟରେ ସଞ୍ଚୟ ଜମାରାଶି ଆଦାୟ କରିବେ ।

୪) ଜମାର ସମସ୍ତ ବିବରଣୀ ଜମା ଲେଜର ଖାତାରେ ଉଲ୍ଲେଖ ହେବ ।

୫) କୋଷାଧକ୍ଷ ଜମା ଆଦାୟ କରୁଛନ୍ତି କି ନାହିଁ ତାହା ଜମା ଲେଜର ଖାତାରୁ ଜଣାପଡ଼ିବ ।

୬) ହିସାବ ରକ୍ଷକ ସଭ୍ୟମାନଙ୍କ ପାସ୍‌ବୁକ୍‌ରେ ଜମା ପରିମାଣ ଲିପିବଦ୍ଧ କରିବେ ।

## ଅଭ୍ୟନ୍ତରୀଣ ଋଣ ନୀତି

କ) ଋଣଦେବା ଗୋଷ୍ଠୀର ଏକ ମୁଖ୍ୟ କାର୍ଯ୍ୟ । ସଭ୍ୟଚାନ୍ଦା ଓ ଋଣ ପରିଶୋଧରୁ ଆଦାୟ ବଳକା ଅର୍ଥ ସଭ୍ୟଙ୍କୁ ଋଣ ଆକାରରେ ଯୋଗାଇ ଦିଆଯିବ ।

ଖ) ଗୋଷ୍ଠୀ ଦ୍ୱାରା ପ୍ରଦତ୍ତ ଋଣକୁ ବିଭିନ୍ନ ପ୍ରକାର ଆୟକାରି କାର୍ଯ୍ୟ ପାଇଁ ଲଗାଯିବ । ଋଣ ଦେବା ପାଇଁ ଗୋଷ୍ଠୀ ଗୁଡ଼ିକ ନିମ୍ନଲିଖିତ ବିଷୟରେ ନିଜସ୍ୱ ନିୟମ ପ୍ରଣୟନ କରିବେ ।

   ୧) ସଭ୍ୟଙ୍କୁ ସର୍ବନିମ୍ନ ଓ ସର୍ବାଧିକ କେତେ ଋଣ ଦିଆଯିବ ।

   ୨) ଋଣ ଅର୍ଥକୁ ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାର ମାନଙ୍କର ରୋଜଗାର ସୃଷ୍ଟିକାରୀ କାର୍ଯ୍ୟରେ ଉପଯୋଗ କରାଯିବ । ଯଦ୍ୱାରା ଜଙ୍ଗଲ ସଂରକ୍ଷଣ ପାଇଁ ସହାୟକ ହୋଇପାରିବ ।

   ୩) ଋଣ ପରିଶୋଧ ପାଇଁ ଏକମାସ ପର୍ଯ୍ୟନ୍ତ ସାମୟିକ ବିରତି ରଖାଯାଇପାରିବ ।

   ୪) ଋଣ ପରିଶୋଧ ଏକ ବର୍ଷ ଭିତରେ କରାଯିବ ।

   ୫) ଋଣର ମାସିକ ସୁଧହାର ସ୍ୱୟଂ ସହାୟକ ଗୋଷ୍ଠୀ ନିର୍ଦ୍ଦିଷ୍ଟ କରିବେ ।

   ୬) ଋଣ ପାଇଁ ଜାମିନନାମା ବ୍ୟବସ୍ଥା ବିଷୟରେ ଗୋଷ୍ଠୀ ଉପାୟ ସ୍ଥିର କରିବେ ।

   ୭) ପ୍ରଥମ ବା ଦ୍ୱିତୀୟ ଥର ପାଇଁ ଋଣ ନେବାର ଯୋଗ୍ୟତା ନିର୍ଦ୍ଧାରଣ କରାଯିବ ।

## ଋଣ ପରିଶୋଧ

### ମୂଳ ଋଣ ପରିଶୋଧ

୧) ଋଣ ନେବାର ଏକ ମାସ ପରେ ମୂଳ ଋଣ ମାସିକିଆ କିସ୍ତି ପୈଠ କରାଯିବ ଯାହାକି ମାସିକ ସଭାରେ ସମସ୍ତଙ୍କୁ ଅବଗତ କରାଯିବ ।

୨) କୋଷାଧ୍ୟକ୍ଷ ଋଣର କିସ୍ତି ଆଦାୟ କରି ଋଣ ଆଦାୟ ଖାତାରେ ଲେଖିବେ ।

୩) ଋଣ କେତେ ଆଦାୟ ହେଲା ଓ କେତେ ବାକି ରହିଲା ତାହା ସଭ୍ୟମାନଙ୍କ ଜମାଖାତାରେ ଲେଖାହେବ ।

## ସୁଧ ପରିଶୋଧ

୧) ସଭ୍ୟମାନେ ନେଇଥିବା ଋଣର ସୁଧ ପ୍ରତି ମାସରେ ଦେବେ ।

୨) ପ୍ରତ୍ୟେକ ମାସରେ ଦେଇଥିବା ସୁଧ ଋଣ ଆଦାୟ ଖାତାରେ ଲେଖା ହେବ ।

୩) କୋଷାଧ୍ୟକ୍ଷ କାହାଠାରୁ କେତେ ମୂଳ ଓ କେତେ ସୁଧ ଆଦାୟ ହେଲା ତାହା ତଦାରଖ କରିବେ ।

୪) ଜମା ଖାତାରେ ସୁଧ ସମ୍ପର୍କରେ ସମସ୍ତ ହିସାବ ରହିବ ।

୫) ଆବଶ୍ୟକ ସ୍ଥଳେ ଜୋରିମାନା ମଧ୍ୟ ଆଦାୟ କରାଯିବ ।

## ସ୍ୱୟଂ ସହାୟକ ଗୋଷ୍ଠୀ ସଭା

ମାସକୁ ଥରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ସ୍ୱୟଂ ସହାୟକ ଗୋଷ୍ଠୀର ମିଟିଙ୍ଗ୍ କରାଯିବ, ଏହା ଗୋଷ୍ଠୀ ଦ୍ୱାରା ସ୍ଥିରିକୃତ ସ୍ଥାନ ଓ ସମୟରେ କରାଯିବ । ଗୋଷ୍ଠୀର ଉନ୍ନତି ପାଇଁ ନିମ୍ନଲିଖିତ ବିଷୟମାନ ମିଟିଙ୍ଗ୍‌ରେ ଆଲୋଚନା କରାଯିବ ।

୧) ମାସିକ ଜମା ଓ ଋଣ ଉପରେ ଆଲୋକପାତ ।

୨) ଆୟକାରୀ ଦିଗ ଉପରେ ଗୋଷ୍ଠୀ ତଥା ସଭ୍ୟଙ୍କୁ ଉତ୍ସାହିତ କରାଯିବ ।

୩) ବନ ସଂରକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ସ୍ୱାକ୍ଷରତା ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯିବ ।

୪) ସଭ୍ୟମାନଙ୍କ ଅଧିକାର ଉପରେ ଦୃଷ୍ଟି ଦିଆଯିବ ।

## ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ପରିଚାଳନା (ଆଇ.ଜି.ଏ)

## ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ପ୍ରଣାଳୀ

୧) ଗ୍ରାମର ମାନବିକ ଓ ପ୍ରାକୃତିକ ସମ୍ବଳ ଚିହ୍ନଟ ।

୨) ସ୍ଥାନୀୟ ଆଞ୍ଚଳିକ ଓ ଜାତୀୟ ବଜାର ପାଇଁ ଉପଯୋଗୀ ଦ୍ରବ୍ୟ ନିର୍ଣ୍ଣୟ ।

୩) ନେତୃତ୍ୱ, ଯୋଜନା ଓ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ଦକ୍ଷତା ବୃଦ୍ଧି ।

୪) ବିଭିନ୍ନ ବ୍ୟବସାୟିକ ଓ ସମବାୟ ବାଣିଜ୍ୟିକ ସଂସ୍ଥା ଚିହ୍ନଟ ଓ ଯୋଗାଯୋଗ ।

୫) ଆବଶ୍ୟକ ପ୍ରଶିକ୍ଷଣ ସଂସ୍ଥା ନିରୁପଣ ।

୬) ପ୍ରଚଳିତ ବଜାର ସୁବିଧାର ସଦୁପଯୋଗ ପାଇଁ ପ୍ରଶିକ୍ଷଣ ।

୭) ଉତ୍ପାଦିତ ଦ୍ରବ୍ୟର ମାନବୃଦ୍ଧି ଓ ବିକ୍ରୟ ପାଇଁ ପଦକ୍ଷେପ ।

## ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମଗୁଡ଼ିକର ଚିହ୍ନଟ

ଉପଯୁକ୍ତ ରୋଜଗାର ସୃଷ୍ଟିକାରୀ କାର୍ଯ୍ୟଗୁଡ଼ିକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ମନୋନୀତ ହୋଇ ନିର୍ଦ୍ଧାରିତ ଗ୍ରାମଗୁଡ଼ିକରେ କାର୍ଯ୍ୟକାରୀ କରାଯିବ । ଉନ୍ନତ ଆୟକାରୀ ଉତ୍ସଗୁଡ଼ିକୁ ଚିହ୍ନଟ କରାଯିବ ଯାହାକି ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବେ ।

୧) ଜମି ମାଲିକାନା

୨) ଭୂମିହୀନଙ୍କ ସ୍ୱାର୍ଥ

୩)	କଞ୍ଚାମାଲର ସୁବିଧା

୪)	ସଭ୍ୟମାନଙ୍କର ଜ୍ଞାନ କୌଶଳ ଓ ଦକ୍ଷତା ।

ଆବଶ୍ୟକ କଞ୍ଚାମାଲ ଓ ବଜାର ସୁବିଧା ଆଦି ବିଚାର କରି ଏ ସବୁକୁ ସ୍ଥିର କରାଯିବ ।

## ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ପ୍ରଶିକ୍ଷଣ

ସଭ୍ୟମାନଙ୍କୁ ପ୍ରଶିକ୍ଷଣ ଓ ପରିଦର୍ଶନ ମାଧ୍ୟମରେ ଉପଯୁକ୍ତ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ପ୍ରକଳ୍ପ ତରଫରୁ ଉଦ୍ୟମ କରାଯିବ ।

## ବାଣିଜ୍ୟିକ ଯୋଗାଯୋଗ

ସ୍ୱୟଂ ସହାୟକ ଗୋଷ୍ଠୀ ହିତାଧିକାରୀମାନେ ପ୍ରସ୍ତୁତ କରୁଥିବା ଦ୍ରବ୍ୟଗୁଡ଼ିକୁ ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟ ସ୍ତରରେ ବିକ୍ରୟ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ।

## ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ଓ କାର୍ଯ୍ୟଶୈଳୀ

ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ଥରେ ଗଠନ ହେଲାପରେ ସେମାନଙ୍କର ନିୟମିତ ପାକ୍ଷିକ/ମାସିକ ମିଟିଙ୍ଗ୍ କରିବେ । ଋଣ, ବନୌଷଧି ତଥା ପ୍ରାଥମିକ ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗରେ ଗୋଷ୍ଠୀଗୁଡ଼ିକ ଆଲୋଚନା କରିବେ । ଏହି ସଭା ଗୁଡ଼ିକରେ ବିକଳ୍ପ ଆୟ ପନ୍ଥା ବିଷୟରେ ମଧ୍ୟ ଆଲୋଚନା ହେବ ଓ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକୁ ଅଗ୍ରାଧିକାର ଦିଆଯିବ ।

୧)	ବନ ସମ୍ପଦର ଦୀର୍ଘକାଳୀନ ଭିତ୍ତିରେ ବ୍ୟବହାର ପାଇଁ ମହିଳା ସଭ୍ୟାଙ୍କୁ ପ୍ରଶିକ୍ଷଣ ।

୨)	ଘର ବାଡ଼ିରେ ଔଷଧୀୟ ଉଦ୍ୟାନ ଓ ଚାରା କେନ୍ଦ୍ର ସ୍ଥାପନ ।

୩)	ଆୟବୃଦ୍ଧି ପାଇଁ ବନଜାତ ଦ୍ରବ୍ୟର ପ୍ରକ୍ରିୟା କରଣ (କେଶତେଲ, ସାବୁନ୍, ସାମ୍ପୋ ଓ ଅନ୍ୟ ପ୍ରସାଧନ ସାମଗ୍ରୀ) ଓ ତାର ବିକ୍ରୟ ।

ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ପାଇଁ କେତେଗୁଡ଼ିଏ ସମ୍ଭାବ୍ୟ ପନ୍ଥା ନିମ୍ନରେ ଉଲ୍ଲେଖ କରାଯାଇଛି । ଆଞ୍ଚଳିକ ଭିତ୍ତିରେ ବନ ସଂରକ୍ଷଣ ସମିତି ମାନେ ମିଳିମିଶି ଉଦ୍ୟମ କଲେ ବିକ୍ରି ପାଇଁ ଅଧିକ ମୂଲ୍ୟ ମିଳିପାରିବ ।

୧)	ଗ୍ରାମରେ ବା ଜଙ୍ଗଲରେ ମିଳୁଥିବା ଦ୍ରବ୍ୟର ପାଇକାରୀ ବ୍ୟବସାୟ ।

୨)	ଝାଡୁଘାସରୁ ଝାଡୁ ପ୍ରସ୍ତୁତି ।

୩)	ବନଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ ।

୪)	ଖଲିପତ୍ର ସିଲେଇ ।

୫)	ମହୁମାଛି ପାଳନ ।

୬)	ଚାରା ଉତ୍ପାଦନ ।

୭)	ଫଳ ବଗିଚା ।

୮)	ବାଉଁଶ ତିଆରି ସାମଗ୍ରି ।

୯)	ଛତୁଚାଷ ।

୧୦)	କମ୍ପୋଷ୍ଟ ଓ ଜିଆ ଖତ ତିଆରି ।

୧୧) ପତ୍ର ଥାଳି ଓ ଦନା ତିଆରି ।

୧୨) ପନିପରିବା / ଅର୍ଥକାରୀ ଫସଲ ଚାଷ ।

୧୩) ବ୍ୟକ୍ତିଗତ କୌଶଳ ଓ ଦକ୍ଷତା ଭିତ୍ତିକ କାର୍ଯ୍ୟ ।

**ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ନିରୂପଣ ବିଧି**

ଆର୍ଥିକ ଦୃଷ୍ଟିରୁ ଲାଭଜନକ ହେଲାଭଳି କାର୍ଯ୍ୟଗୁଡ଼ିକୁ ଚୟନ କରାଯିବ ଓ ସେଥିପାଇଁ ସହାୟତା ପ୍ରଦାନ କରାଯିବ ।

**ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ**

ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ବନ ସଂରକ୍ଷଣ ସମିତି ସହ ଯୋଗାଯୋଗ ରକ୍ଷା କରି ପ୍ରକଳ୍ପ ଦ୍ୱାରା ଗ୍ରାମରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ସଂପାଦନ କରିପାରିବେ । ଏଥିପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବ ।

**ନଥିପତ୍ର ରଖିବା**

ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ସେମାନଙ୍କ କାର୍ଯ୍ୟ ସଂପାଦନ ପାଇଁ ନିମ୍ନଲିଖିତ ନଥିପତ୍ର ରଖିବେ ।

୧) ବ୍ୟକ୍ତିଗତ ଜମାର ହିସାବ ଖାତା ।

୨) ସଭ୍ୟମାନଙ୍କ ଉପସ୍ଥାନ ଖାତା ।

୩) ପ୍ରତ୍ୟେକ ସଭ୍ୟଙ୍କ ଅନୁଦାନର ହିସାବ ଖାତା ।

୪) ଋଣ ଓ ତତ୍ ସଂପର୍କୀୟ ବିବରଣୀ ।

୫) ଗୋଷ୍ଠୀଗତ ଭାବେ କେତେ ଋଣ କେଉଁ ସଭ୍ୟମାନଙ୍କୁ ଦିଆଯାଇଛି ।

୬) ସମସ୍ତ ଆୟ ବ୍ୟୟ ବିବରଣୀ ।

୭) ଗୋଷ୍ଠୀର ଆରମ୍ଭରୁ ସମସ୍ତ କାର୍ଯ୍ୟକ୍ରମ ଓ ସଭାରେ ନିଆଯାଇଥିବା ନିଷ୍ପତ୍ତି ଆଦିର ବିବରଣୀ ।

୮) ସଭ୍ୟମାନଙ୍କ ବ୍ୟକ୍ତିଗତ ଜମା, ଋଣ ଓ ସୁଧ ଇତ୍ୟାଦିର ହିସାବ ।

୯) ଅନ୍ୟାନ୍ୟ ସମସ୍ତ ଆବଶ୍ୟକ ନଥିପତ୍ର ।

**ନଥିପତ୍ର ସମ୍ବନ୍ଧୀୟ ନିୟମାବଳୀ**

୧) ଗୋଷ୍ଠୀଗୁଡ଼ିକ ପ୍ରତ୍ୟେକ ଆର୍ଥିକ ବର୍ଷରେ ସଭା ବହି ଓ ବ୍ୟକ୍ତିଗତ ଜମା ପାସ୍ ବୁକ ବ୍ୟତିତ ଅନ୍ୟ ନଥିପତ୍ର ଗୁଡ଼ିକୁ ପରିବର୍ତ୍ତନ କରିପାରିବେ ।

୨) ଗୋଷ୍ଠୀର ସମସ୍ତ ଆର୍ଥିକ ନେଣ ଦେଣ ସବୁ ସଭ୍ୟଙ୍କ ଉପସ୍ଥିତିରେ କରାଯିବ ।

୩) ପ୍ରତ୍ୟେକ ଦିନର ଋଣ ଦେବା ନେବା ପରେ କର୍ମକର୍ତ୍ତାମାନେ ଜମା ବହିରେ ଦସ୍ତଖତ କରିବେ ।

୪) କର୍ମକର୍ତ୍ତାମାନେ ସଠିକ୍ ନଥିପତ୍ର ପାଇଁ ଦାୟୀ ରହିବେ ଓ ନଥିପତ୍ର ଗୁଡ଼ିକ ଆଲମିରାରେ ଚାବିପଡ଼ି ରହିବ ।

୫) ଯେଉଁ ସଭ୍ୟ ନଥିପତ୍ର ରଖିବେ ସେ ଟଙ୍କା ପଇସା ରଖି ପାରିବେ ନାହିଁ । ପ୍ରତ୍ୟେକ ସଭା ଶେଷରେ ଜମା ବହିରେ କେତେ ଟଙ୍କା ରହିଲା ତାହା ହିସାବ କରି ଦେଖାଯିବ ।

## ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଆବଶ୍ୟକ ନଥିପତ୍ର

ସ୍ୱୟଂ ସହାୟକ ଗୋଷ୍ଠୀ କେତେକ ମୌଳିକ ନଥିପତ୍ର ପ୍ରସ୍ତୁତ କରିବେ ଓ ସେଗୁଡ଼ିକୁ ନିୟମିତ ଭାବରେ ତଦାରଖ କରିବେ । ସାଧାରଣ ଭାବେ ରଖାଯାଉଥିବା ନଥିପତ୍ରର ଉଦାହରଣ ନିମ୍ନରେ ଦିଆଗଲା ।

| କ୍ରମାଙ୍କ | ନଥିର ନାମ | ଉଦ୍ଦେଶ୍ୟ |
|---|---|---|
| ୧ | ସଭାବହି | ସଭା ଗୁଡ଼ିକରର ବିବରଣୀ ଓ ଗୋଷ୍ଠୀର କାର୍ଯ୍ୟାବଳୀ ଯାହାକି ଗୋଷ୍ଠୀ ଗଠନ ସମୟରୁ କରାଯିବ । |
| ୨ | ଜମା ଓ ଦୈନିକ ଉପସ୍ଥାନ ଖାତା | ପ୍ରତ୍ୟେକ ସଭ୍ୟଙ୍କ ଜମାଖାତାର ବିବରଣୀ । |
| ୩ | ହିସାବ ଖାତା (କ୍ୟାସ୍ ବହି) | ଗୋଷ୍ଠୀର ସମସ୍ତ ଆୟବ୍ୟୟର ହିସାବ ଏହି ଖାତାରେ ଉଲ୍ଲେଖ କରାଯିବ । ଖାତାର ବାମ ପାଖରେ ଆଦାୟ ଟିପ୍ପଣି ଓ ଡାହାଣ ପାଖରେ ବ୍ୟୟ ଓ ଋଣର ବିବରଣୀ ଲେଖାଯିବ । ପ୍ରତ୍ୟେକ ଦିନର ଆୟ ବ୍ୟୟର ହିସାବ କରାଯାଇ କେତେ ବଳକା ଟଙ୍କା ରହିଲା ତାହା ତଦାରଖ କରାଯିବ । ଟଙ୍କାର ହିସାବ ଯେପରି ଭୁଲ ନହୁଏ ସେଥିପ୍ରତି ଧ୍ୟାନ ଦିଆଯିବ । ଆଦାୟ ଟଙ୍କା ମଧ୍ୟରେ ସଭ୍ୟମାନଙ୍କ ଦେୟ, ଜମା, ଋଣ ପରିଶୋଧ, ଜୋରିମାନା, ସୁଧ ଆଦାୟ, ଋଣ ଅନୁଦାନ ଫିସ୍, ବ୍ୟାଙ୍କରୁ ଟଙ୍କା ଉଠାଣ ଆଦି ରହିବ । ଋଣ ଦେବା, ସଭ୍ୟ ଜମାଖାତାର ସୁଧ, ବ୍ୟାଙ୍କ ଋଣ ପରିଶୋଧ, ପରିବହନ ଖର୍ଚ୍ଚ ଓ ବ୍ୟାଙ୍କ ଜମା ଇତ୍ୟାଦି ବ୍ୟୟ ହିସାବରେ ଲେଖାଯିବ । |
| ୪ | ଲେଜର ଖାତା | ବିଭିନ୍ନ ସଂସ୍ଥା ସହିତ ନେଣଦେଣ କାରବାର ପାଇଁ ଅଲଗା ପୃଷ୍ଠାରେ ହିସାବ ରଖାଯିବ । |
| ୫ | ଋଣ ଖାତା | କେତେ ଜଣଙ୍କୁ ଋଣ ଦିଆଗଲା, ଋଣ ପରିମାଣ ଓ ଶୁଳ୍କ ଇତ୍ୟାଦି ଲେଖାଯିବ । |
| ୬ | ସଭ୍ୟଙ୍କ ପାସ ବହି ଓ ଜମା ବିବରଣୀ | ସଭ୍ୟମାନଙ୍କରର ବ୍ୟକ୍ତିଗତ ସଞ୍ଚୟର ହିସାବ ରଖାଯିବ । ଗୋଷ୍ଠୀର ପ୍ରତ୍ୟେକ ସଭାରେ ସଭ୍ୟଙ୍କ ଜମା ପରିମାଣ, ସୁଧ, ଋଣ ଇତ୍ୟାଦି ହିସାବ କରାଯିବ ଓ ସମସ୍ତଙ୍କୁ ଅବଗତ କରାଯିବ । |
| ୭ | ସଭ୍ୟଙ୍କ ଋଣ ହିସାବ ବହି | କେଉଁ ସଭ୍ୟ କେତେ ଋଣ ନେଲେ, କେତେ ସୁଧ ହେଲା, କେତେ ପରିଶୋଧ କଲେ ତାହା ଲେଖାଯିବ । ପ୍ରତ୍ୟେକ ସଭାରେ ଏହା ସମସ୍ତଙ୍କୁ ଜଣାଇ ଦିଆଯିବ । |
| ୮ | ଆୟବ୍ୟୟ ହିସାବ ଖାତା | ସ୍ୱୟଂ ସହାୟକ ଗୋଷ୍ଠୀର ଆୟ ଓ ବ୍ୟୟର ବିବରଣୀ ଲେଖାଯିବ । |
| ୯ | ପରିଦର୍ଶନ ପୁସ୍ତିକା | ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକ୍ରମକୁ ଦେଖିବାକୁ ଆସୁଥିବା ବ୍ୟକ୍ତିମାନଙ୍କର ମତାମତ ଉଲ୍ଲେଖ କରାଯିବ । |

# ସ୍ୱୟଂ ସହାୟକ ଗୋଷ୍ଠୀ ନଥିପତ୍ର

## ୧. ସଂଚୟ ଓ ଉପସ୍ଥାନ ଖାତା

ବୈଠକରେ ସଭ୍ୟ/ସଭ୍ୟାମାନଙ୍କ ନାମରେ ଆଦାୟ କରାଯାଉଥିବା ସଂଚୟ ଜମାରାଶି ଓ ଉପସ୍ଥାନ ଉକ୍ତ ଖାତାରେ ଲିପିବଧ କରାଯାଏ । ଗୋଟିଏ ଦିନରେ ଆଦାୟ ହେଉଥିବା ସମୁଦାୟ ସଂଚୟ ଅର୍ଥ ମଧ୍ୟ କ୍ୟାସ ବହିର ଆୟ ପାଖରେ ଦର୍ଶାଯାଏ ।

| କ୍ର.ନଂ. | ସଭ୍ୟ/ସଭ୍ୟାଙ୍କ ନାମ | ତାରିଖ | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|
| | | ପୂର୍ବଜମା | | | | | | | | | | | | | | ସମୁଦାୟ | |
| | | A | S | A | S | A | S | A | S | A | S | A | S | A | S | A | S |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |
| | | | | | | | | | | | | | | | | | |

A - ଉପସ୍ଥାନ, S - ସଂଚୟ ରାଶି, a = ଅନୁପସ୍ଥିତ, L = ଛୁଟି

# ୭. ରଣ ଲେଜର

| | |
|---|---|
| ରଣ ନେବା ସଭ୍ୟଙ୍କ ନାମ : | ଫୋଲିଓ ନଂ : |
| ରଣ ନଂ : | ଉଦ୍ଦେଶ୍ୟ : |
| ରଣ ପ୍ରଦାନ ତାରିଖ : | ମଞ୍ଜୁର ହୋଇଥିବା ରଣ ପରିମାଣ : |
| କିସ୍ତି ସଂଖ୍ୟା : | ପ୍ରକ୍ରିୟାକରଣ ଖର୍ଚ୍ଚ (କାଗଜପତ୍ର ପ୍ରସ୍ତୁତି) : |
| ସମୟସୀମା (କିସ୍ତି) : | ସୁଧ ଧାର୍ଯ୍ୟ ପରିମାଣ : |
| ରଣ ଫେରସ୍ତ ସମୟସୀମା (ମୂଳଧନ+ସୁଧ): | ସମୁଦାୟ ଧାର୍ଯ୍ୟ ପରିମାଣ : |

ରଣ ପରିଶୋଧ ଚୁକ୍ତିନାମା ମୋ ଦ୍ୱାରା ଗ୍ରହଣୀୟ ଅଟେ ।

(ଦସ୍ତଖତ)

| ରଣ ବିବରଣୀ | | | | ରଣ ପରିଶୋଧ | | | | | |
|---|---|---|---|---|---|---|---|---|---|
| କିସ୍ତି ସଂଖ୍ୟା | ଧାର୍ଯ୍ୟ ତାରିଖ | କିସ୍ତି ପରିମାଣ (ମୂଳଧନ+ସୁଧ) | ଦେୟ ତାରିଖ | ସମୁଦାୟ ପରିମାଣ | ମୂଳଧନ ପରିମାଣ | ସୁଧ ପରିମାଣ | ଜୋରିମାନା | ଅବଶିଷ୍ଟାଂଶ (ମୂଳଧନ+ସୁଧ) | କୋଷାଧ୍ୟକ୍ଷଙ୍କ ଦସ୍ତଖତ |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |
| | | | | | | | | | |

## ୩. ସଭ୍ୟମାନଙ୍କ ବ୍ୟକ୍ତିଗତ ଜମାଖାତା (ସଞ୍ଚୟ)

| ତାରିଖ | ବିବରଣୀ | ସଂଚୟ ରାଶି | ଉଠାଣ | ସମୁଦାୟ | ସଂଚୟ ଉପରେ ସୁଧ | ସର୍ବମୋଟ ଅଗ୍ରଗତି ଜମା | କୋଷାଧ୍ୟକ୍ଷ ଦସ୍ତଖତ |
|---|---|---|---|---|---|---|---|
| | | | | | | | |
| | | | | | | | |
| | | | | | | | |
| | | | | | | | |

## ୪. ସଭ୍ୟମାନଙ୍କ ବ୍ୟକ୍ତିଗତ ଋଣ ଖାତା

ସଭ୍ୟ ବ୍ୟକ୍ତିଗତ ଋଣ ଖାତା, ଋଣ ଲେଜରର ଅବିକଳ ନକଲ, ଏହା ଋଣ ନେଇଥିବା ବ୍ୟକ୍ତିଙ୍କୁ ତାର ଋଣ ପରିମାଣ ଓ ପରିଶୋଧର ହିସାବ ଜାଣିବା ପାଇଁ ପ୍ରଦାନ କରାଯାଇ ଥାଏ ।

## ୫. ପରିଦର୍ଶକ ଖାତା

| ତାରିଖ | ପରିଦର୍ଶକଙ୍କ ନାମ ଓ ପଦବୀ | ପରିଦର୍ଶକଙ୍କ ମନ୍ତବ୍ୟ | ଦସ୍ତଖତ |
|---|---|---|---|
| | | | |
| | | | |
| | | | |
| | | | |

# ପଞ୍ଚମ ଭାଗ

# ବନ ସଂରକ୍ଷଣ ସମିତିର ଆୟବ୍ୟୟ ହିସାବ ପଦ୍ଧତି

### ହିସାବ ବିଧି

ପ୍ରକଳ୍ପ ଦ୍ୱାରା ବନ ସଂରକ୍ଷଣ ସମିତି ଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ । ସବୁ ସମିତି ଗୁଡ଼ିକ ସେମାନଙ୍କର ଆୟବ୍ୟୟର ହିସାବ ରଖିବେ । ଏପ୍ରିଲ୍ ୧ରୁ ପରବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଆର୍ଥିକ ବର୍ଷ ବୋଲି ଧରାଯିବ । ଆୟବ୍ୟୟର ଅଟକଳ କରି ଆର୍ଥିକ ବର୍ଷ ଶେଷରେ ୩ ମାସ ମଧ୍ୟରେ ବାଲାନ୍ସ ବାହାର କରିବେ । ପ୍ରତ୍ୟେକ ମାସରେ ମାସିକ ଆୟ ବ୍ୟୟର ହିସାବ ମାସ ଶେଷରେ ଏକ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିବେ ।

### ବାର୍ଷିକ କାର୍ଯ୍ୟ ନିର୍ଘଣ୍ଟ

ଅଣୁ ଯୋଜନା ଅନୁସାରେ ବାର୍ଷିକ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରାଯିବ ଓ ଏହାକୁ ସାଧାରଣ ପରିଷଦ ବୈଠକରେ ଆଲୋଚନା, ସଂଶୋଧନ ଓ ସ୍ୱୀକୃତି ପାଇଁ ପେଶ୍ କରାଯିବ । ବନ ସଂରକ୍ଷଣ ସମିତି ତ୍ରୟମାସିକ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଅର୍ଥ ବିଷୟରେ କ୍ଷେତ୍ର ପରିଚାଳନା ସଂସ୍ଥାଙ୍କୁ ଜଣାଇବେ ଯେ କି ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କୁ ଅନୁଦାନ ପ୍ରଦାନ ପାଇଁ ସୁପାରିଶ କରିବେ ।

### ବାର୍ଷିକ ଅଟକଳ

ବାର୍ଷିକ ଯୋଜନା, ଆବଶ୍ୟକ ଅର୍ଥ ଇତ୍ୟାଦି ବିଚାରକୁ ନେଇ ବନ ସଂରକ୍ଷଣ ସମିତିର ବାର୍ଷିକ ଅଟକଳ ପ୍ରସ୍ତୁତ କରାଯିବ । ଏଥିରେ ସଭାପତିଙ୍କ ଦ୍ୱାରା ସ୍ୱୀକୃତି ଅଣୁଯୋଜନାର କାର୍ଯ୍ୟଗୁଡ଼ିକୁ ସଂପାଦନ କରିବା ପାଇଁ ପଦକ୍ଷେପ ନିଆଯିବ । କ୍ଷେତ୍ର ପରିଚାଳନା ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନମାନେ ଏଥିପାଇଁ ବନ ସଂରକ୍ଷଣ ସମିତିକୁ ସହାୟତା କରିବେ । ପ୍ରକଳ୍ପର ଆର୍ଥିକମାନକୁ ଭିତ୍ତିକରି ବ୍ୟୟ ଅଟକଳ କରାଯିବ ଓ ସାଧାରଣ ପରିଷଦ ଏହାକୁ ଅନୁମୋଦନ କରିବେ ।

### ପାଣ୍ଠି ପରିଚାଳନା

ମାସିକ ଅର୍ଥ ଆବଶ୍ୟକତା ଓ କାର୍ଯ୍ୟଅଟକଳ ବନ ସଂରକ୍ଷଣ ସମିତିର କାର୍ଯ୍ୟକାରୀ କମିଟି ଦ୍ୱାରା କରାଯିବ ଓ ଏହା ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ମଞ୍ଜୁର ହେବ । ସଭ୍ୟ ସଚିବ କ୍ଷେତ୍ର ପରିଚାଳନା ସଂସ୍ଥା ଜରିଆରେ ଆବଶ୍ୟକ ଅର୍ଥ ବରାଦ ପାଇଁ ଖଣ୍ଡୀୟ ପରିଚାଳନା ସଂସ୍ଥାକୁ ପ୍ରସ୍ତାବ ଦେବେ । ଖଣ୍ଡୀୟ ପରିଚାଳନା ସଂସ୍ଥା ଡ୍ରାଫ୍ଟ / ଟଙ୍କା ହସ୍ତାନ୍ତର ପଦ୍ଧତିରେ ବନ ସଂରକ୍ଷଣ ସମିତିକୁ ଅନୁପ୍ରଦାନ କରିବେ । ଟଙ୍କା ଉଠାଣ ପାଇଁ ଦସ୍ତଖତକାରୀ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ମନୋନୀତ ହେବେ । ପରବର୍ତ୍ତି ବୈଠକରେ କାର୍ଯ୍ୟର ଅଗ୍ରଗତି ଓ ଖର୍ଚ୍ଚ ବିଷୟରେ ଆଲୋଚନା କରାଯିବ ।

### ପାଣ୍ଠି ପରିଚାଳନା ଓ ବନ ସଂରକ୍ଷଣ ସମିତି ସାଧାରଣ ପରିଷଦ

କାର୍ଯ୍ୟନିର୍ବାହୀ କମିଟି ପର୍ଯ୍ୟାୟକ୍ରମେ କାର୍ଯ୍ୟର ବିବରଣୀ ଓ ଖର୍ଚ୍ଚର ହିସାବ ସାଧାରଣ ପରିଷଦ ବୈଠକରେ ପେଶ୍ କରିବେ । ସାଧାରଣ ପରିଷଦ ସେ ସବୁକୁ ବିଚାର କରି ବନ ସଂରକ୍ଷଣ ସମିତିର ପରବର୍ତ୍ତି କାର୍ଯ୍ୟପନ୍ଥା ସ୍ଥିର କରିବେ ।

### ହିସାବ ପ୍ରଣାଳୀ

### ବନ ସଂରକ୍ଷଣ ସମିତିର ବ୍ୟାଙ୍କ ଜମାଖାତା ପରିଚାଳନା

ବନ ସଂରକ୍ଷଣ ସମିତିର ସମସ୍ତ ଅର୍ଥ ସମିତିର ବ୍ୟାଙ୍କ ଜମା ଖାତା (ପାସ୍ ବହି)ରେ ରହିବ । କାର୍ଯ୍ୟ ନିର୍ବାହୀ କମିଟିର

ଅନୁମୋଦନ କ୍ରମେ ଜାତୀୟକରଣ ଅଥବା ଆଞ୍ଚଳିକ ବ୍ୟାଙ୍କରେ ଜମାଖାତା ଖୋଲାଯିବ । ଏହି ଖାତା ସଭ୍ୟ ସଚିବ ଏବଂ ସଭାପତି ବା କୋଷାଧ୍ୟକ୍ଷଙ୍କ ଦ୍ୱାରା ପରିଚାଳିତ ହେବ । ଟଙ୍କା ଉଠାଣରେ ସଭ୍ୟସଚିବ ସହିତ କୋଷାଧ୍ୟକ୍ଷ କିମ୍ବା ସଭାପତିଙ୍କ ଦସ୍ତଖତ ରହିବ । ପ୍ରକଳ୍ପରୁ ମିଳୁଥିବା ସମସ୍ତ ଅର୍ଥ ଏହି ଜମାଖାତା ମାଧ୍ୟମରେ ଜମା ଓ ଉଠାଣ ହେବ । ବନ ସଂରକ୍ଷଣ ସମିତି ଅର୍ଥ ଗୁଡ଼ିକ ପ୍ରକଳ୍ପ ଦ୍ୱାରା ଉଦ୍ଦିଷ୍ଟ କାର୍ଯ୍ୟରେ ଖର୍ଚ୍ଚ ହେବ । ଏହି ଜମା ବହି ଓ ଅର୍ଥ ସବୁ ସମୟରେ ତଦାରଖ ପାଇଁ ଉପଲବ୍ଧ ହେଉଥିବ ।

### ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠି

ସମିତିର ଆୟ ହେଉଥିବା ସମସ୍ତ ଅର୍ଥ, ବ୍ୟାଙ୍କ ସୁଧ, ସ୍ୱୟଂ ସହାୟକ ଗୋଷ୍ଠୀରୁ ମିଳୁଥିବା ସୁଧ ସବୁ ବନ ଉନ୍ନୟନ ପାଣ୍ଠିରେ ଜମା ହେବ । ସଭ୍ୟ ଚାନ୍ଦା, ଜୋରିମାନା ଇତ୍ୟାଦି ମଧ୍ୟ ଏହି ପାଣ୍ଠିରେ ଜମା ହେବ । ପ୍ରକଳ୍ପ ଶେଷରେ ଏହି ପାଣ୍ଠିର ବିନିଯୋଗ ହେବ । ଏଥିରୁ ଅତିକମ୍‌ରେ ଶତକଡ଼ା ୫୦ ଭାଗ ଅର୍ଥ ଜଙ୍ଗଲ ଉନ୍ନୟନ ପାଇଁ ବ୍ୟୟ କରାଯିବ ।

### ଆର୍ଥିକ ବିଶୃଙ୍ଖଳା

ସମିତିରେ ଆର୍ଥିକ ବିଶୃଙ୍ଖଳା ଦେଖାଦେଲେ କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟ ଖଣ୍ଡୀୟ ପରିଚାଳନା ସଂସ୍ଥା ସହାୟତାରେ ବନ ସଂରକ୍ଷଣ ସମିତିର ଜମାଖାତାକୁ କିଛି ଦିନ ପାଇଁ ଅଚଳ କରିପାରିବେ । ବିଶୃଙ୍ଖଳା କାରଣ ସମ୍ବନ୍ଧରେ ଅନୁସନ୍ଧାନ କରିବେ । ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା କ୍ଷୟକ୍ଷତିର ଭରଣା ହେଲାପରେ ଜମାଖାତାକୁ ପୁନଃ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେବେ । ସମିତିରେ ଅର୍ଥ ଆତ୍ମସାତ ଓ ଅନ୍ୟାନ୍ୟ ବିଶୃଙ୍ଖଳା ପାଇଁ ସଭାପତି, ସଭ୍ୟ ସଚିବ ଓ କୋଷାଧ୍ୟକ୍ଷ ମିଳିତ ଭାବରେ ଦାୟୀ ରହିବେ ।

### ପ୍ରାପ୍ତି ସ୍ୱୀକାର ପତ୍ର (ରସିଦ୍)

ବନ ସଂରକ୍ଷଣ ସମିତି ଦ୍ୱାରା ପ୍ରାପ୍ତ ସମସ୍ତ ଅର୍ଥ ଯଥା ଅନୁଦାନ, ଋଣ, ପ୍ରଶିକ୍ଷଣ ଫିସ୍, ସଭ୍ୟ ଚାନ୍ଦା ଓ ସମିତି ଦ୍ୱାରା ବିକ୍ରି ଲବ୍ଧ ଅର୍ଥ ପାଇଁ ଛାପା ରସିଦ୍ ପ୍ରଦାନ କରାଯିବ ।

### ହିସାବ ପ୍ରଣାଳୀ

ସଭ୍ୟ ସଚିବଙ୍କ ଦ୍ୱାରା କାର୍ଯ୍ୟନିର୍ବାହୀ କମିଟିର ପରାମର୍ଶରେ ମାସିକ କାର୍ଯ୍ୟ ସାରଣୀ ପ୍ରସ୍ତୁତ କରାଯିବ ଓ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଅନୁମୋଦିତ ଦସ୍ତଖତକାରୀଙ୍କ ଦ୍ୱାରା ଆବଶ୍ୟକ ଅର୍ଥ ଉଠାଣ ହେବ । ବନ ସଂରକ୍ଷଣ ସମିତିଙ୍କ ଜମାଖାତାରୁ କିସ୍ତି ଅନୁସାରେ ଅର୍ଥ ଉଠାଯିବ । ସମସ୍ତ ଖର୍ଚ୍ଚର ବିବରଣୀ କାର୍ଯ୍ୟନିର୍ବାହୀ କମିଟିରେ ପାଶ୍ ହେବ ଓ ଭାଉଚରରେ ସଭ୍ୟ ସଚିବ, କୋଷାଧ୍ୟକ୍ଷ ଓ ସଭାପତି ଦସ୍ତଖତ କରିବେ । ସଭ୍ୟ ସଚିବ ସମିତିର କ୍ୟାସ ବୁକ୍‌ରେ ସମସ୍ତ ହିସାବ ଲେଖିବେ ଓ ଏଥିରେ ତାଙ୍କୁ କୋଷାଧ୍ୟକ୍ଷ ଓ ଗ୍ରାମ୍ୟ ବନ ସହାୟକ ସାହାଯ୍ୟ କରିବେ । ବନ ସଂରକ୍ଷଣ ସମିତି ପ୍ରକଳ୍ପ ଦ୍ୱାରା ନିର୍ଦ୍ଧାରିତ ପ୍ରଣାଳୀରେ ହିସାବ ରଖିବେ ।

### ଖର୍ଚ୍ଚ ପ୍ରଣାଳୀ

ପ୍ରତ୍ୟେକ ମାସ ଶେଷରେ ସଭ୍ୟସଚିବ, କୋଷାଧ୍ୟକ୍ଷ ଓ ଗ୍ରାମ୍ୟବନ ସହାୟକଙ୍କ ସହାୟତାରେ ଉକ୍ତ ମାସର ଆୟବ୍ୟୟର ହିସାବ ବିବରଣୀ ପ୍ରସ୍ତୁତ କରି କାର୍ଯ୍ୟନିର୍ବାହୀ କମିଟିରେ ପେଶ କରିବେ । କାର୍ଯ୍ୟନିର୍ବାହୀ କମିଟିର ଅନୁମୋଦନ ପରେ ଏହାକୁ ପରମାସ ୭ ତାରିଖ ମଧ୍ୟରେ କ୍ଷେତ୍ର ପରିଚାଳନା ସଂସ୍ଥାର ମୁଖ୍ୟଙ୍କୁ ପଠାଯିବ । ସମିତିର ଆୟବ୍ୟୟ ହିସାବ ବିବରଣୀ ପାଇଲା ପରେ କ୍ଷେତ୍ର ପରିଚାଳନା ସଂସ୍ଥା ତାହାକୁ ତନଖି କରିବେ, ଆବଶ୍ୟକ ହେଲେ ହୋଇଥିବା କାମକୁ ଯାଞ୍ଚ କରି ତାଙ୍କର ମତାମତ ଦେଇ ପ୍ରତି ସ୍ୱାକ୍ଷର କରିବେ । ବିବରଣୀରେ କିଛି ତ୍ରୁଟି ରହିଥିଲେ ତାହାକୁ ସଂଶୋଧନ କରିବା ନିମନ୍ତେ ପଦକ୍ଷେପ ନେବେ । ତାଙ୍କ ଅଧୀନରେ ଥିବା ସମସ୍ତ ସମିତି ଗୁଡ଼ିକର ହିସାବ ବିବରଣୀକୁ ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କୁ ପ୍ରେରଣ କରିବେ ।

ସମିତିର ଆୟବ୍ୟୟର ଏକ ତ୍ରୈମାସିକ ବିବରଣୀ ଗ୍ରାମ୍ୟ ବନ ସହାୟକଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ । ସଭ୍ୟସଚିବ ତାହାକୁ ତନଖି କଲାପରେ କାର୍ଯ୍ୟକାରୀ କମିଟିକୁ ଅନୁମୋଦନ ନିମନ୍ତେ ପେଶ କରାଯିବ ।

## ଖର୍ଚ୍ଚର ପ୍ରକାର ଓ ପ୍ରାମାଣିକ ତଥ୍ୟ

ପ୍ରକଳ୍ପରୁ ମିଳୁଥିବା ଅର୍ଥକୁ ବନ ସଂରକ୍ଷଣ ସମିତି ବିଭିନ୍ନ କାର୍ଯ୍ୟ ପାଇଁ ଖର୍ଚ୍ଚ କରିପାରିବେ । ଏହି ଖର୍ଚ୍ଚ ଗୁଡ଼ିକ ଆବଶ୍ୟକତା ଅନୁସାରେ କରାଯିବ ଓ ନିୟମାନୁସାରେ ଏହାର ସମସ୍ତ ହିସାବ ରହିବ । ପ୍ରତ୍ୟେକ ଖର୍ଚ୍ଚ କେଉଁଥି ପାଇଁ କରାଗଲା ତାହା ଭାଉଚର ଓ ବିଲ୍‌ରେ ଉଲ୍ଲେଖ ହେବ । ସମସ୍ତ ଭାଉଚର ଓ ବିଲ୍‌କୁ ସମିତି କାର୍ଯ୍ୟାଳୟରେ ସଂରକ୍ଷିତ କରାଯିବ ।

## ପ୍ରାପ୍ତ ଅନୁଦାନ

ବନ ସଂରକ୍ଷଣ ସମିତି ତରଫରୁ କୋଷାଧ୍ୟକ୍ଷ ସମସ୍ତ ପାଣ୍ଠି ଗ୍ରହଣ କରିବେ, ରସିଦ ଦେବେ ଓ ଖାତାରେ ଲେଖିବେ । ସଭାପତି / ସଭ୍ୟ ସଚିବ ଏହା ତଦାରଖ କରିବେ । ସମସ୍ତ ପାଣ୍ଠି ବନ ସଂରକ୍ଷଣ ସମିତି ଜମାଖାତାରେ ଜମା ହେବ । ହାତରେ ଟ.୨୦୦୦/ ରୁ ଅଧିକ ଅର୍ଥ ରହିବ ନାହିଁ । ପ୍ରାପ୍ତ ଅର୍ଥ ସଙ୍ଗେ ସଙ୍ଗେ ଖାତାରେ ଲେଖାଯିବ ଓ ସଭ୍ୟ ସଚିବ ତାହା ତଦାରଖ କରିବେ । ପ୍ରତ୍ୟେକ ଦିନର ହିସାବ ଖାତାରେ ଲେଖାଯିବ ।

## ଅର୍ଥ ପ୍ରଦାନ ପ୍ରଣାଳୀ

କୌଣସି ଖର୍ଚ୍ଚ ପାଇଁ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଅର୍ଥ ପଇଠ କରିବାକୁ ହେଲେ ତାହା ଆକାଉଣ୍ଟ ପେଇ ଚେକ୍ ଆକାରରେ ଦିଆଯିବ ।

## ଗ୍ରାମ୍ୟ ବନ ସହାୟକଙ୍କ ଭତ୍ତା

ପ୍ରକଳ୍ପ ଦ୍ୱାରା ଗ୍ରାମ୍ୟ ବନ ସହାୟକଙ୍କ ଭତ୍ତା ସମୟ ଅନୁସାରେ ସ୍ଥିର କରାଯିବ ।

## ଅଗ୍ରୀମ

କୌଣସି କାର୍ଯ୍ୟ ପାଇଁ ଆବଶ୍ୟକ ହେଲେ କାର୍ଯ୍ୟ ନିର୍ବାହୀ ସମିତି ଦ୍ୱାରା କ୍ଷମତାପ୍ରାପ୍ତ ସଭ୍ୟଙ୍କୁ ଅଗ୍ରୀମ ଅର୍ଥ ଦିଆଯାଇ ପାରିବ । ସଂପୃକ୍ତ ସଭ୍ୟ ଏହି ଅର୍ଥର ଖର୍ଚ୍ଚ ହିସାବ ୭ ଦିନ ମଧ୍ୟରେ ପ୍ରଦାନ କରିବେ । ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରୀମ ଦେବା ପାଇଁ ବନ ସଂରକ୍ଷଣ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ଅଗ୍ରୀମ ଦିଆଯିବ ।

## ଖର୍ଚ୍ଚର ଭାଉଚର

ସମସ୍ତ ବିଲ୍ କୋଷାଧ୍ୟକ୍ଷଙ୍କ ଦ୍ୱାରା ତଦାରଖ କରାଯିବ । କୋଷାଧ୍ୟକ୍ଷ/ସଭ୍ୟସଚିବଙ୍କ ଦ୍ୱାରା ଭାଉଚର ପ୍ରସ୍ତୁତ କରାଯିବ ଓ ସଭ୍ୟ ସଚିବ ଓ ସଭାପତିଙ୍କ ଅନୁମୋଦନ ପରେ ଖର୍ଚ୍ଚ ପଇଠ କରାଯିବ ।

## କ୍ରୟ ବ୍ୟବସ୍ଥା

ଦୁଇ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଦ୍ରବ୍ୟ କ୍ରୟ ପାଇଁ କୋଟେସନ୍ ଆହ୍ୱାନ କରାଯିବ । ଅତି କମ୍‌ରେ ୩ଟି କୋଟେସନ୍ ଆହ୍ୱାନ କରାଯିବ । ଦ୍ରବ୍ୟର ମାନ ଓ ମୂଲ୍ୟକୁ ବିଚାରକୁ ନେଇ କାର୍ଯ୍ୟକାରୀ କମିଟି ଅନୁମୋଦନ କ୍ରମେ ଯୋଗାଣ ପାଇଁ ଅର୍ଡ଼ର ଦିଆଯିବ । ପ୍ରତି ଦିନର ସାଧାରଣ ଜିନିଷ କ୍ରୟରେ ସଭ୍ୟ ସଚିବ, କୋଷାଧ୍ୟକ୍ଷ ଓ ସଭାପତିଙ୍କ ଅନୁମୋଦନ ନିଆଯିବ । ଉଚ୍ଚ ମାନର ବା ଅଧିକ ମୂଲ୍ୟର ଦ୍ରବ୍ୟ ଯଥା - ସିମେଣ୍ଟ, ଲୁହାଛଡ଼ ଇତ୍ୟାଦି କ୍ରୟରେ କ୍ଷେତ୍ର ପରିଚାଳନା ସଂସ୍ଥା ବନ ସଂରକ୍ଷଣ ସମିତିକୁ ସହାୟତା କରିବେ ।

## ବନ ସଂରକ୍ଷଣ ସମିତି ହିସାବର ସମୀକ୍ଷା (ଅଡ଼ିଟ)

ସମୀକ୍ଷାର ପରିସର - ପ୍ରକଳ୍ପରୁ ଆସିଥିବା ପାଣ୍ଠି ପ୍ରକୃତ କାମରେ ଲାଗିଲା କି ନାହିଁ, ସଠିକ ହିସାବ ରଖାଗଲା କି ନାହିଁ, ବର୍ଷ ଶେଷରେ ବିବରଣୀ ପ୍ରସ୍ତୁତ ହୋଇଛି କି ନାହିଁ ଏ ସମସ୍ତ ବିଷୟରେ ସମୀକ୍ଷା କରାଯିବ ।

## ସମୀକ୍ଷାକାରୀଙ୍କ ନିଯୁକ୍ତି

କ୍ଷେତ୍ର ପରିଚାଳନା ସଂସ୍ଥା ପରାମର୍ଶରେ ଓ ଖଣ୍ଡୀୟ ପରିଚାଳନା ସଂସ୍ଥାଙ୍କ ଅନୁମୋଦନ କ୍ରମେ ଚାଟାର୍ଡ଼ ଆକାଉଟାଣ୍ଟଙ୍କ ଦ୍ୱାରା ବର୍ଷ ଶେଷରେ ବନ ସଂରକ୍ଷଣ ସମିତିର ସମସ୍ତ ହିସାବ ସମୀକ୍ଷା କରାଯିବ ।

## କାର୍ଯ୍ୟର ପରିମାଣ ଓ ମାନର ତଦାରଖ

କାର୍ଯ୍ୟ ତଦାରଖ ପାଇଁ ବନ ସଂରକ୍ଷଣ ସମିତି ଏକ ଉପ କମିଟି ଗଠନ କରିବେ । ନିର୍ମାଣ କାର୍ଯ୍ୟ ପାଇଁ ସେମାନେ ଅଭିଜ୍ଞ ଯନ୍ତ୍ରୀ ବା ବନ କର୍ମଚାରୀଙ୍କ ସହାୟତା ନେବେ । କେତେ ଜିନିଷ ଲାଗିଲା ତାର ତଦାରଖ ହେବ । କଣ କେଉଁଠୁ ଭଡ଼ାରେ ଆସିଲା, କାମ ଠିକ୍ ହେଲା କି ନାହିଁ, ସମୟାନୁସାରେ ଶେଷ ହେଲା କି ନାହିଁ, ବରାଦ ଅନୁସାରେ କାମ ହେଲା କି ନାହିଁ, ଉନ୍ନତ ମଞ୍ଜି ଓ ଚାରା ଉତ୍ପାଦନ, ସମୟାନୁସାରେ ଚାରା ରୋପଣ, ଆବଶ୍ୟକ ଗର୍ତ୍ତ ଖନନ, ଗଛଗୁଡ଼ିକ ଠିକ୍ ବଞ୍ଚିଲେ କି ନାହିଁ ଏହା ଉପ କମିଟି ତଦାରଖ କରିବ ।

## ବାର୍ଷିକ ଆୟବ୍ୟୟ ତଦାରଖ

ବନ ସଂରକ୍ଷଣ ସମିତି ବାର୍ଷିକ ଆୟବ୍ୟୟର ହିସାବ ସମୀକ୍ଷା କରାଗଲାପରେ ତାହାକୁ ସାଧାରଣ ପରିଷଦର ଅନୁମୋଦନ ପାଇଁ ପଠାଯିବ । ଅନୁମୋଦନ ପରେ ସମସ୍ତ ହିସାବ କ୍ଷେତ୍ର ପରିଚାଳନା ସଂସ୍ଥା ଓ ଖଣ୍ଡୀୟ ପରିଚାଳନା ସଂସ୍ଥାକୁ ବର୍ଷ ଶେଷର ୪ ମାସ ମଧ୍ୟରେ ପଠାଯିବ ।

## ବନ ସଂରକ୍ଷଣ ସମିତି ଦ୍ୱାରା ନଥିପତ୍ର ରକ୍ଷଣାବ୍ୟକ୍ଷଣ

ଆବଶ୍ୟକ ଅନୁସାରେ ବନ ସଂରକ୍ଷଣ ସମିତି ସ୍ତରରେ ଆର୍ଥିକ ଓ ଅନ୍ୟାନ୍ୟ ନଥିପତ୍ର ଗୁଡ଼ିକୁ ଦାୟିତ୍ୱର ସହିତ ରଖାଯିବ ।

**Monthly Expenditure Statement for ........................................ VSS,**

**...................................... FMU for the Month of ....................................**

................................ ବନ ସଂରକ୍ଷଣ ସମିତିର............................ମାସ............................ମସିହାର ଖର୍ଚ୍ଚ ବିବରଣୀ,

କ୍ଷେତ୍ର ପରିଚାଳନା ସଂସ୍ଥାର ନାମ.......................................................

| Expenditure heads (OFSDP) | | Received from DMU ପ୍ରକଳ୍ପରୁ ମିଳିଥିବା ଅର୍ଥ | Expenditure during the Month (Rs) ଚଳିତ ମାସରେ ହୋଇଥିବା ଖର୍ଚ୍ଚର ପରିମାଣ | | | Progressive Expenditure up to the Month (Rs) ଏପର୍ଯ୍ୟନ୍ତ ହୋଇଥିବା ଖର୍ଚ୍ଚର ପରିମାଣ |
|---|---|---|---|---|---|---|
| | | | Expenditure ଖର୍ଚ୍ଚ | Vat ଟିକସ | Total ମୋଟ | |
| A1.1 | Forest Management under JFM mode | | | | | |
| A1.1 | 1-Establishment of Decentralised Nursery ବିକେନ୍ଦ୍ରିକରଣ ଚାରା ପ୍ରସ୍ତୁତି | | | | | |
| A1.1 | 2-Rehabilitation of Degraded Forests ଉଜୁଡ଼ା ଜଙ୍ଗଲ ପୁନଃ ପ୍ରତିଷ୍ଠା | | | | | |
| A1.1 | 2.1-Soil Moisture Conservation ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ | | | | | |
| A1.1 | 2.2-Assisted Natural Regeneration ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ | | | | | |
| A1.1 | 2.3-Block Plantation ସମୂହ ବୃକ୍ଷରୋପଣ | | | | | |
| A1.1 | 2.3.1-Economic Plantation ଅର୍ଥକାରୀ ବୃକ୍ଷ ରୋପଣ | | | | | |

| | | | | | | |
|---|---|---|---|---|---|---|
| A1.2 | 3.2-Fuel & Fodder Plantation<br>ଜାଳେଣୀ ଓ ଗୋଖାଦ୍ୟ ବୃକ୍ଷରୋପଣ | | | | | |
| A1.1 | 2.3.3-Bamboo/Cane Plantation<br>ବାଉଁଶ/ବେତ ରୋପଣ | | | | | |
| A1.1 | 2.3.4-NTFP Plantation<br>ଅଣକାଷ୍ଠ ବନଜାତ ଦ୍ରବ୍ୟ ବୃକ୍ଷ ରୋପଣ | | | | | |
| A1.1 | 4-Fire Protection<br>ଅଗ୍ନି ପ୍ରତିଶେଧକ କାର୍ଯ୍ୟକ୍ରମ | | | | | |
| A1.1 | 4.1-Fireline construction & Maintance(4yrs.)<br>ଅଗ୍ନି ନିର୍ବାପକ ପହି ତିଆରି ଓ ରକ୍ଷଣା (୪ବର୍ଷ) | | | | | |
| A1.1 | 4.2-Watching & Patroking (5yrs.)<br>ଜଗା ରଖା (୫ବର୍ଷ) | | | | | |
| A1.1 | 4.3-Provision of Inactive measures<br>ପ୍ରୋତ୍ସାହନ ସୁବିଧା ବ୍ୟବସ୍ଥା | | | | | |
| A4 | Community / Tribal development<br>ଗୋଷ୍ଠୀ/ଆଦିବାସୀ ଉନ୍ନୟନ | | | | | |
| A4.1 | Capacity Building of VSSs<br>ବନ ସଂରକ୍ଷଣ ସମିତି ଦକ୍ଷତା ବୃଦ୍ଧି | | | | | |
| A4.1 | 1-Community Organizing*<br>ଗୋଷ୍ଠୀ ସଂଗଠନ | | | | | |
| A4.1 | 2-VSS Management Guideline Development*<br>ସମିତି ପରିଚାଳନା ପଦ୍ଧତି ପ୍ରଣୟନ | | | | | |

| | | | | | | |
|---|---|---|---|---|---|---|
| A4.1 | 3-Preparation of Micro Plan*<br>ଅଣୁଯୋଜନା ପ୍ରସ୍ତୁତି | | | | | |
| A4.1 | 4-Training, Coaching and Information Dissemination*<br>ସଚେତନତା ଓ କାର୍ଯ୍ୟକୁଶଳତା ପାଇଁ ପ୍ରଶିକ୍ଷଣ | | | | | |
| A4.1 | 6-Exposure Trips*<br>କ୍ଷେତ୍ର ପରିଦର୍ଶନ | | | | | |
| A4.1 | 7-Improvement of VSS Facilities and Equipment<br>ସମିତି ଗୃହ ନିର୍ମାଣ ଓ ଆସବାବପତ୍ର | | | | | |
| A4.1 | 8-Empowerment of VSSs<br>ସମିତି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ | | | | | |
| A4.2 | Community / Tribal Development<br>ଗୋଷ୍ଠୀ/ଆଦିବାସୀ ଉନ୍ନତି | | | | | |
| A4.2 | 1-EPAs<br>ପ୍ରାଥମିକ ସହଭାଗି କାର୍ଯ୍ୟକ୍ରମ | | | | | |
| A4.2 | 2.1-Organization support (Animators)<br>ଗ୍ରାମ୍ୟ ବନସହାୟକଙ୍କ ଭତ୍ତା | | | | | |
| A4.2 | 2.4-Revolving fund for VSS (IGA)<br>ରୋଜଗାରକ୍ଷମ କାର୍ଯ୍ୟ ପାଇଁ ସମିତି ପାଣ୍ଠି | Quarterly reporting format provided separately<br>(ସଂଲଗ୍ନ କରାଯାଇଥିବା ଫର୍ମାଟ୍‌ରେ ତ୍ରୟମାସିକ ବିବରଣୀ ପ୍ରଦାନ କରିବେ) | | | | |
| A4.2 | 2.5-Training of SHG*<br>ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଶିକ୍ଷଣ | | | | | |

| | | | | | | |
|---|---|---|---|---|---|---|
| A4.2 | 3-Livelihood Improvement<br>ଜୀବିକା ଉନ୍ନତି | | | | | |
| A4.2 | 3.2-Medical/Health care Camp for infectious diseases*<br>ସ୍ୱାସ୍ଥ୍ୟସେବା ଶିବିର | | | | | |
| A4.2 | 3.3-Establishment of centers for non-formal education*<br>ଅଣପାରମ୍ପରିକ ଶିକ୍ଷା | | | | | |
| A4.2 | 3.4-Promotion of Fuel wood saving devices*<br>ସ୍ୱଳ୍ପ ଜାଳେଣି ଚୁଲା | | | | | |
| A5.6 | 4.1-VSS Auditing<br>ଆୟବ୍ୟୟ ହିସାବ ସମୀକ୍ଷା | | | | | |
| | Total ମୋଟ | | | | | |

*Funds may be released to VSS under these heads either in full or in part as a process of facilitation by the DMU.
*ଚିହ୍ନିତ କାର୍ଯ୍ୟକ୍ରମ ପାଇଁ ବନ ସଂରକ୍ଷଣ ସମିତିକୁ ଖଣ୍ଡିୟ ପରିଚାଳନା ୟୁନିଟ୍ ଦ୍ୱାରା ଅର୍ଥ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପ୍ରଦାନ କରାଯାଇପାରେ ।

Certified that the SOE is based upon the books of accounts of the VSS.
ଏତଦ୍ୱାରା ଆମ୍ଭେମାନେ ନିଶ୍ଚିତ କରୁଅଛୁ ଯେ ଉକ୍ତ ଆୟବ୍ୟୟ ହିସାବ ବିବରଣୀ ବନ ସଂରକ୍ଷଣ ସମିତିର ଆର୍ଥିକ ନଥିପତ୍ର ଉପରେ ଆଧାରିତ ଅଟେ ।

| President<br>**ସଭାପତି** | Member Secretary<br>**ସଭ୍ୟସଚିବ** | Treasurer<br>**କୋଷାଧ୍ୟକ୍ଷ** |
|---|---|---|

## A4.2.2.4 Revolving Fund for VSS (Quaterly Report)
## ରୋଜଗାରକ୍ଷମ କାର୍ଯ୍ୟ ପାଇଁ ସମିତି ପାଣ୍ଠି (ତ୍ରୟମାସିକ ବିବରଣୀ)

**Month (From.................................... to ...............................) Yr.......................**

**ମାସ (.......................... ରୁ ..........................) ବର୍ଷ:....................**

| Total Amount received from OFSDP so far ଏ ପର୍ଯ୍ୟନ୍ତ ପ୍ରକଳ୍ପରୁ ମିଳିଥିବା ଅର୍ଥର ପରିମାଣ | Balance Available with VSS at the beginning of the Quarter ପ୍ରାରମ୍ଭରେ ସମିତି ପାଖରେ ଗଚ୍ଛିତ ପାଣ୍ଠି | Loan advanced (Rs) ଦିଆଯାଇଥିବା ଋଣ ପରିମାଣ | | | | Loan Recovered (Rs) ଆଦାୟ ହୋଇଥିବା ଋଣ ପରିମାଣ | | | | | | Loan Outstanding (Rs) ବକେୟା ଋଣ ପରିମାଣ | | | | Balance Available with VSS at the end of the Quarter ମାସ ଶେଷରେ ସମିତି ପାଖରେ ଉପଲବ୍ଧ ପାଣ୍ଠି |
|---|---|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | | | | ୪ | | | | | | ୫ | | | | ୬ |
| | | Name of SHG ସ୍ୱୟଂ ସହାୟକ ଗୋଷ୍ଠୀର ନାମ | Amount Advanced ଋଣର ପରିମାଣ | | | Capital ମୂଳଜମା ଆଦାୟ | | | Interest ସୁଧ ଆଦାୟ | | | Capital ମୂଳଜମା ବାବଦରେ | Interest ସୁଧ ବାବଦରେ | Total ମୋଟ | | |
| | | | Upto Previous quarter end ଆଗର ପରିମାଣ | In Current quarter ଏବେକା ପରିମାଣ | Total ସମୁଦାୟ | Upto Previous quarter end ଆଗର ପରିମାଣ | In Current quarter ଏବେକା ପରିମାଣ | Total ସମୁଦାୟ | Upto Previous quarter end ଆଗର ପରିମାଣ | In Current quarter ଏବେକା ପରିମାଣ | Total ସମୁଦାୟ | | | No. of Lone ବ୍ୟକ୍ତି/ଦଳଗତ ଋଣ ସଂଖ୍ୟା | Amount ପରିମାଣ | |
| | | | | | | | | | | | | | | | | |
| | | | | | | | | | | | | | | | | |
| | | | | | | | | | | | | | | | | |
| Total ମୋଟ | | | | | | | | | | | | | | | | |

Certified that the report is based upon the books of accounts of the VSS.

ଏତଦ୍ୱାରା ଆମ୍ଭେମାନେ ନିଶ୍ଚିତ କରୁଅଛୁ ଯେ ଉକ୍ତ ହିସାବ ବିବରଣୀ ବନ ସଂରକ୍ଷଣ ସମିତିର ଆର୍ଥିକ ନଥିପତ୍ର ଉପରେ ଆଧାରିତ ଅଟେ ।

| President | Member Secretary | Treasurer |
|---|---|---|
| **ସଭାପତି** | **ସଭ୍ୟସଚିବ** | **କୋଷାଧ୍ୟକ୍ଷ** |

ପ୍ରକଳ୍ପ ପରିଚାଳନା ୟୁନିଟ୍, ଓଡ଼ିଶା ବନୀକରଣ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ, ଏସ୍.ଏଫ୍.ଟି.ଆର୍.ଆଇ. ପରିସର, ଘାଟିକିଆ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ
ଜ୍ୟୋତି ଗ୍ରାଫିକ୍ସ, ୦୬୭୪-୨୫୪୪୨୦୯ ଦ୍ୱାରା ମୁଦ୍ରିତ

(ମୁଦ୍ରଣ ୫୦୦,୨୦୦୮ ଅଗଷ୍ଟ)